॥ ଶ୍ରୀ ଶ୍ରୀ ଗୁରୁ ଗୌରାଙ୍ଗୌ ଜୟତଃ ॥

# ପ୍ରେମର ପ୍ରକୃତ ପାତ୍ର

ପ୍ରେମର ପ୍ରକୃତ ଅର୍ଥବାଚକ ଏକ କ୍ଷୁଦ୍ର ପୁସ୍ତକ ।
ବାସ୍ତବ ପରମାର୍ଥର ସାର ।

**ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ**

**ଗୌଡ଼ୀୟ ବେଦାନ୍ତ ପ୍ରକାଶନ**
ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠ
ସି. ଟି. ରୋଡ଼, ପୁରୀ -୨
ଫୋନ୍ : ୯୭୭୬୨୩୮୩୨୮

**Premara Prakrita Patra**
**Oriya Edition :** (Translated from English)
**Translation by :** Uttam Krishna Das
**Editng by :** Sripad Muni Maharaj, Mahamahopadhyaya Pandit Rangadhara Sarangi, Subala Sakha Das, Madhumangal Das, Bansibadan Das.

English Edition:
Many participated in completing the publication of this booklet in the role of editors, editorial advisors, designers, artists, typists, transcribers, proofreaders and technical assistants, among them are: Śrīpād Mādhava Mahārāja, Śrīpād Vaikhanas Mahārāja, Ānītā dāsī, Atula-kṛṣṇa dāsa, Bhūdhara dāsa, Brajanātha dāsa, Dhanañjaya dāsa, Giridhārī dāsa, Gaurāṅgi dāsī, Gurūttama dāsa, Jaya-gopāla dāsa, Śrīpāda Mādhava Mahārāja, Mahaprābhu dāsa, Nanda-kiśora dāsa, Nāndinī dāsī, Premavatī dāsī, Rādhā-kānta dāsa, Śānti dāsī, Sudarśana dāsa, Sundara-gopāla dāsa, Śyāmarāṇī dāsī, Vaijayantī-mālā dāsī, Śrīpāda Vaikhanas Mahārāja, Vasanti dāsī and Viśvambhara dāsa.

*For further information and free download of all the books and lectures of Śrīla Nārāyaṇa Mahārāja, please visit:*
**www.purebhakti.com**

*To receive the lectures given by Śrīla Nārāyaṇa Mahārāja on his world tours in your e-mail, please send a blank e-mail to:*
**www.harikatha.com**

*To watch and hear classes online, or get links and schedule updates for live webcasts:*
**www.purebhakti.tv**

Copyright © Gauḍīya Vedānta Publications 2007

Photo of Śrīla Prabhupāda © courtesy of The Bhaktivedanta Book Trust International, Inc. (www.krishna.com) Used with permission.
Artwork on pages 3, 10 and 14 created under the guidance of Śrīla Nārāyaṇa Mahārāja. Copyright © Śyāmarāṇī dāsī, used with permission.

First Edition : 10,000
2nd Edition : 10,000
3rd Edition : 1,000



ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ

# ସମର୍ପଣ

ମୁଁ ମୋର ପରମାରାଧ୍ୟତମ ଶ୍ରୀଗୁରୁଦେବ ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଶ୍ରୀଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ଅହୈତୁକୀ କୃପା ଭିକ୍ଷା କରୁଛି । ତାଙ୍କ ଶ୍ରୀଚରଣାରବିନ୍ଦରେ ଅଜସ୍ର ବିନମ୍ର ପ୍ରଣାମ ନିବେଦନ କରୁଛି ଏବଂ ସେହି ସମାନ ପରିମାଣରେ ମୋର ଶିକ୍ଷାଗୁରୁ ନିତ୍ୟଲୀଳା ପ୍ରବିଷ୍ଟ ଓଁ ବିଷ୍ଣୁପାଦ ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜଙ୍କ ଶ୍ରୀଚରଣାରବିନ୍ଦରେ ଅଜସ୍ର ପ୍ରଣାମ  ନିବେଦନ କରୁଛି ।

ବର୍ତ୍ତମାନ, ମୋର ଶିକ୍ଷାଗୁରୁ ଓଁ ବିଷ୍ଣୁପାଦ ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜ ସେହି ଦିବ୍ୟ ବୈଦିକ ଜ୍ଞାନର ଅମୂଲ୍ୟ ଗନ୍ତାଘରର ଦ୍ୱାରକୁ ସାରାଜଗତ ପାଇଁ ଉନ୍ମୁକ୍ତ କରିଛନ୍ତି । ସେହି ଗନ୍ତାଘରର ଚାବି ତାଙ୍କ ହାତରେ ଓ ମୋ ଗୁରୁଦେବଙ୍କ ହାତରେ ଅଛି । ସେ ଦୁହେଁ କୃପାକରି ସେହି ଚାବିକୁ ମୋତେ ଦେଇଛନ୍ତି ଏବଂ ସେହି ସମ୍ପତ୍ତିକୁ ତୁମ୍ଭମାନଙ୍କ ମଧ୍ୟରେ ବାଣ୍ଟିବାକୁ ଆଦେଶ ଦେଇଛନ୍ତି ।

ତ୍ରିଦଣ୍ଡୀ ଭିକ୍ଷୁ

**ଭକ୍ତିବେଦାନ୍ତ ନାରାୟଣ**

# ସୂଚୀପତ୍ର

| ବିଷୟ | ପୃଷ୍ଠା |
| --- | --- |


ଅପାତ୍ରେ କୃତ ପ୍ରେମ .......................... ୧୦

କେବଳ ଗୋଟିଏ ମାତ୍ର ପରିବାର ........... ୧୨

ବିବିଧତା ମଧ୍ୟରେ ଏକତା .................. ୧୪

ସବୁ ପ୍ରାଣୀଙ୍କୁ ଭଲପାଅ ....................... ୧୫

ପ୍ରେମର ଏକ ରୂପ ଅଛି ...................... ୧୭

ସେହି ପ୍ରେମ ବିନା ............................ ୨୦

ସୁଖର ଅନୁସନ୍ଧାନ ............................ ୨୩

ଏକ ଉତ୍କୃଷ୍ଟ ପ୍ରଶ୍ନ ............................. ୨୪

ସୁଖ ପ୍ରାପ୍ତିର ଉପାୟ .......................... ୨୮

ଦିବ୍ୟ ପ୍ରେମର ମନ୍ତ୍ର ......................... ୩୦

# ପ୍ରସ୍ତାବନା

ଏହି ପୁସ୍ତିକାଟି ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଯେଉଁମାନେ ବେଦର ପ୍ରତିପାଦ୍ୟ ବାସ୍ତବ ବସ୍ତୁକୁ ଉପଲବ୍ଧି କରିଛନ୍ତି ସେହି ମହାପୁରୁଷମାନଙ୍କ ଦିବ୍ୟବାଣୀକୁ ସମଗ୍ର ଜଗତକୁ ଜଣାଇବା। ବେଦର ବାସ୍ତବିକ ଆକ୍ଷରିକ ଅର୍ଥ ହେଲା, 'ଏହି ଭୌତିକ ଜଗତ ଓ ଏହାର ପରପାରରେ ଥିବା ଦିବ୍ୟଜଗତ (ଚିଦ୍‌ଜଗତ) ସହିତ ସଂପୃକ୍ତ ସାଧାରଣ ଓ ଅସାଧାରଣ ବିଷୟମାନଙ୍କ ଅନ୍ତିମ ଜ୍ଞାନ।'

ହଜାର-ହଜାର ବର୍ଷ ପୂର୍ବେ ଏହି ଜଗତରେ ଦୀନ-ହୀନ ଦୁଃଖୀ-ଦରିଦ୍ର ମାନଙ୍କ ଦୁଃଖ ଦେଖି ଯାହାଙ୍କ ହୃଦୟ ଦ୍ରବିଭୂତ ହୋଇଥିଲା, ସେହି ଆତ୍ମାନୁଭୂତିସଂପନ୍ନ ସାଧୁ-ସନ୍ଥ, ମୁନି-ଋଷିମାନଙ୍କ ଦ୍ୱାରା ବେଦର ପ୍ରକାଶ ହୋଇଥିଲା। ସେହି ସନ୍ଥମାନେ ଭଗବାନଙ୍କର ବିଶେଷ କୃପା ପାଇ ପରମ-ସତ୍ୟ (ଭଗବାନ)ଙ୍କୁ ଓ ଜୀବନର ପ୍ରକୃତ ରହସ୍ୟ (ଭଗବତ୍ ପ୍ରାପ୍ତି)କୁ ହୃଦୟଙ୍ଗମ କରିଥିଲେ। ଉଦାହରଣ ସ୍ୱରୂପ ବର୍ତ୍ତମାନ ଏହି 'ପ୍ରେମର ପ୍ରକୃତ ପାତ୍ର' ନାମକ ଗ୍ରନ୍ଥର ପ୍ରଣେତା ପରମ ବନ୍ଦନୀୟ କୃଷ୍ଣକୃପା ଶ୍ରୀମୂର୍ତ୍ତି ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ। ତାଙ୍କ ଜୀବନ ବିଶ୍ୱବାସୀଙ୍କ ବାସ୍ତବ ସୁଖ-ଶାନ୍ତି ପାଇଁ ସମ୍ପୂର୍ଣ୍ଣ ରୂପେ ସମର୍ପିତ।

ଏହି ମୁଖବନ୍ଧରେ ଆମେ ଆଉ ଜଣେ ମହାନ ସାଧୁ ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ସ୍ୱାମୀ ମହାରାଜଙ୍କ ପରିଚୟ ଦେବାକୁ ଚେଷ୍ଟା କରୁଛୁ, ସେ ଏହି ଗ୍ରନ୍ଥକର୍ତ୍ତାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ଓ ଶିକ୍ଷାଗୁରୁ ଥିଲେ। ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ କହନ୍ତି, ସମଗ୍ର

## ପ୍ରେମର ପ୍ରକୃତ ପାତ୍ର

ବିଶ୍ୱରେ ନିୟମିତ ଭାବେ ମହାପ୍ରଭୁଙ୍କ ଶିକ୍ଷା ଦେବାରେ ଶ୍ରୀଳ ସ୍ୱାମୀ ମହରାଜ ମୁଖ୍ୟ ପ୍ରେରଣାସ୍ରୋତ ଥିଲେ । ଶ୍ରୀଳ ସ୍ୱାମୀମହାରାଜ ଲେଖିଛନ୍ତି—

ପ୍ରତ୍ୟେକ ପ୍ରାଣୀର ମୌଳିକ ଧର୍ମ ହେଉଛି ଜଣେ ଜଣକୁ ଭଲ ପାଇବା । କାହାକୁ ଭଲ ନ ପାଇ କେହି ରହି ପାରିବ ନାହିଁ । ଭଲ ପାଇବାର ସେହି ସ୍ୱାଭାବିକ ପ୍ରବୃତ୍ତି ପ୍ରତ୍ୟେକ ଜୀବ ମଧରେ ଅଛି । ଏପରିକି ବାଘ, ସିଂହ ଭଳି ହିଂସ୍ର ଜନ୍ତୁଙ୍କ ଠାରେ ମଧ୍ୟ ସେହି ପ୍ରବୃତ୍ତି ସୁପ୍ତ ଅବସ୍ଥାରେ ଅଛି । ସେଥିପାଇଁ ଏହି ପ୍ରବୃତ୍ତି ମନୁଷ୍ୟ ମଧ୍ୟରେ ନିଶ୍ଚିତ ଭାବରେ ଅଛି । କିନ୍ତୁ ପ୍ରକୃତ କଥା ହେଉଛି, କେଉଁ ସ୍ଥାନରେ ସେହି ଭଲ ପାଇବା ପ୍ରବୃତ୍ତିକୁ ବିନିଯୋଗ କଲେ ସମଗ୍ର ବିଶ୍ୱ ସୁଖୀ ହୋଇପାରିବ, ତାହା ଆମେ ଭୁଲି ଯାଉଛୁ । ବର୍ତ୍ତମାନ ମନୁଷ୍ୟସମାଜ ଆମ ଦେଶକୁ, ପରିବାରକୁ କିମ୍ବା ନିଜର ଭୌତିକ ଶରୀରକୁ ଭଲପାଇବା ପାଇଁ ଶିଖାଏ । କିନ୍ତୁ ସେହି ଭଲପାଇବା ପ୍ରବୃତ୍ତିକୁ କେଉଁଠି ଲଗାଇଲେ ପ୍ରତ୍ୟେକ ବ୍ୟକ୍ତି ସୁଖୀ ହୋଇପାରିବେ ସେ ଶିକ୍ଷା କେଉଁଠି ଦିଆ ଯାଉନାହିଁ ।

ପ୍ରାଥମିକ ଅବସ୍ଥାରେ ଛୋଟପିଲାଟିଏ ତା' ପିତା-ମାତାଙ୍କୁ ଭଲପାଇଥାଏ ; ପରେ ସେ ଭାଇ ଓ ଭଉଣୀଙ୍କୁ ଭଲପାଏ, ଏବଂ ବଡ଼ ହେଲେ, ସେ ତା'ପରିବାର, ସମାଜ, ସମ୍ପ୍ରଦାୟ, ଦେଶ, ଜାତି, ଏପରିକି ସମସ୍ତଙ୍କୁ ଭଲ ପାଇଥାଏ । କିନ୍ତୁ ସମସ୍ତଙ୍କୁ ଭଲପାଇ ମଧ୍ୟ ଭଲ ପାଇବାର ପ୍ରବୃତ୍ତି ଶାନ୍ତ ହୁଏ ନାହିଁ । ଆମେ ଯେପର୍ଯ୍ୟନ୍ତ ପ୍ରେମର ଅସଲ ପାତ୍ରକୁ ନ ଜାଣୁ, ସେ ପର୍ଯ୍ୟନ୍ତ ଆମ ପ୍ରେମ ଅସମ୍ପୂର୍ଣ୍ଣ ରହିବ ।

## ପ୍ରେମର ପ୍ରକୃତ ପାତ୍ର

ଆମ ଭଲ ପାଇବା ବୃତ୍ତି ଆଲୋକର ବା ବାୟୁର ତରଙ୍ଗ ଭଳି ପରିବର୍ତ୍ତନଶୀଳ  କିନ୍ତୁ ତାହାର ଅନ୍ତ କେଉଁଠି, ଆମେ ଜାଣୁନା ।

ଭଲ ପାଇବାର ପ୍ରକୃତ ପାତ୍ରକୁ ନଜାଣି ଆମେ ବିବିଧ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଶ୍ରୀଳ ସ୍ୱାମୀ ମହାରାଜ କହୁଛନ୍ତି— ପରମପୁରୁଷ ଭଗବାନଙ୍କୁ ଭଲ ପାଇବା  ହିଁ ସମସ୍ତଙ୍କୁ ଭଲ ପାଇବା ।

ଆମେ ଯୁକ୍ତରାଷ୍ଟ୍ର-ଆମେରିକା ଭଳି ନାନା ପ୍ରଚେଷ୍ଟା, ଉନ୍ନତ ପରିକଳ୍ପନା କରି ମଧ୍ୟ ଶାନ୍ତି ଓ ସମନ୍ୱୟ ପାଇବାରେ ବିଫଳ ହୋଇଛୁ, କାରଣ ଆମେ ତାହାର ପ୍ରକୃତ ଉପାୟ ଜାଣି ନାହୁଁ । ସେହି ଉପାୟ ଅତୀବ ସରଳ ।

ଯଦି ଆମେ କୃଷ୍ଣଙ୍କୁ ଭଲପାଇବାକୁ ଶିକ୍ଷା କରିବା, ତେବେ ଅନାୟାସରେ ଯୁଗପତ୍ ପ୍ରତ୍ୟେକ ପ୍ରାଣୀକୁ ଭଲ ପାଇପାରିବା । ଏହା ଠିକ୍ ଗଛ ମୂଳରେ ପାଣି ଦେବା ପରି କିମ୍ବା ପାକସ୍ଥଳୀକୁ ଖାଦ୍ୟ ଦେବା ପରି । ଗଛ ମୂଳରେ ପାଣିଦେବା ଓ ପାକସ୍ଥଳୀକୁ ଖାଦ୍ୟ ଦେବା ଉପାୟ ସର୍ବକାଳୀନ ବିଜ୍ଞାନସମ୍ମତ ଓ ବ୍ୟାବହାରିକ । ଏହା ପ୍ରତ୍ୟେକର ଅନୁଭବବେଦ୍ୟ । ସମସ୍ତେ ଜାଣନ୍ତି ଖାଦ୍ୟ ଖାଇଲେ ତହିଁରୁ ଉତ୍ପନ୍ନ ହେଉଥିବା ଶକ୍ତି ତତ୍କ୍ଷଣାତ୍ ସାରା ଶରୀରକୁ ବ୍ୟାପିଯାଏ । ଗଛ ମୂଳରେ ପାଣି ଦେଲେ ସେଥିରୁ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ଯେତେବଡ଼ ଗଛ ହେଉ ନା କାହିଁକି ତୁରନ୍ତ ଗଛ ଗୋଟାଯାକ ସଂଚାରିତ ହୁଏ । ଶାଖା, ପ୍ରଶାଖା, ପତ୍ର, ପୁଷ୍ପ ଆଦିରେ ସ୍ୱତନ୍ତ୍ର ଭାବେ ଜଳ ଦେବା ସମ୍ଭବ ନୁହେଁ ଏବଂ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗଙ୍କୁ ସ୍ୱତନ୍ତ୍ର ଭାବେ ଖୁଆଇବା ମଧ୍ୟ ସମ୍ଭବ ନୁହେଁ ।

ଆମ ଅଶାନ୍ତିର ମୂଳ କାରଣ ହେଉଛି, ଭୌତିକ ବିଜ୍ଞାନରେ ଯେତେ ଅଗ୍ରଗତି କଲେ ମଧ୍ୟ ଆମ ଭଲ ପାଇବାର ପ୍ରବୃତ୍ତି ପୂର୍ଣ୍ଣ ରୂପେ ସନ୍ତୋଷ ପାଏ ନାହିଁ । ଆମେ ଗଛର ସବୁଜାଗାରେ ପାଣି

ଦେଉଛୁ କିନ୍ତୁ ମୂଳକୁ ଭୁଲି ଯାଉଛୁ । ଶରୀରକୁ ସୁସ୍ଥ ରଖିବା ପାଇଁ ଆମେ ସବୁ ପ୍ରକାର ଚେଷ୍ଟା କରୁଛୁ ସତ, କିନ୍ତୁ ପାକସ୍ଥଳୀକୁ ଆହାର ଦେବା ଭୁଲିଯାଉଛୁ ।

ଭଗବାନଙ୍କୁ ଭୁଲିବା ଅର୍ଥ ନିଜକୁ ଭୁଲିଯିବା । ଆତ୍ମାନୁଭୂତି ଏବଂ ଭଗବତ୍-ଅନୁଭୂତି ସମାନ୍ତରାଳ ଭାବେ ଗତି କରେ । ଉଦାହରଣ ସ୍ୱରୂପ, ସକାଳେ ନିଜକୁ ଦେଖିବା ଅର୍ଥ ସୂର୍ଯ୍ୟଙ୍କୁ ଦେଖିବା । ସୂର୍ଯ୍ୟ-କିରଣ ବ୍ୟତୀତ କେହି ନିଜକୁ ଦେଖି ପାରିବ ନାହିଁ । ଆତ୍ମାର ସମ୍ବନ୍ଧ ଭଗବାନଙ୍କ ସମ୍ବନ୍ଧ ସହିତ ଏକଧାରାରେ ପ୍ରତିଷ୍ଠିତ । ଶରୀରଗତ ସମ୍ବନ୍ଧ ସଂସାର ବନ୍ଧନର ମୁଖ୍ୟ କାରଣ, କିନ୍ତୁ ଆତ୍ମାର ସମ୍ବନ୍ଧ ମୁକ୍ତିର ମୁଖ୍ୟ କାରଣ । ଭଗବାନଙ୍କ ସହିତ ସମ୍ବନ୍ଧ ମାଧ୍ୟମରେ ହିଁ ଆତ୍ମାର ସମ୍ବନ୍ଧ ଉତ୍କୃଷ୍ଟ ଭାବେ ପ୍ରତିଷ୍ଠିତ ହେବ । ଅନ୍ଧାରରେ ଦେଖିବା ପ୍ରକୃତ ଦେଖିବା ନୁହେଁ । କିନ୍ତୁ ସୂର୍ଯ୍ୟଙ୍କ ଆଲୋକ ଦ୍ୱାରା ଦେଖିବା ହିଁ ଅସଲ ଦେଖିବା, ଅର୍ଥାତ୍ ସୂର୍ଯଙ୍କୁ ଦେଖିବା ହିଁ ସମସ୍ତ ବସ୍ତୁକୁ ଦେଖିବା, ଯାହା ଅନ୍ଧକାରରେ ଦିଶେ ନାହିଁ ।

ବୈଦିକ ସାହିତ୍ୟର ତାତ୍ପର୍ଯ୍ୟାନୁସାରେ ଏହି ପୁସ୍ତିକାଟି ଶିକ୍ଷା ଦିଏ ଗୋଟିଏ switch କୁ on କଲେ ତାହା ସବୁଠି ସବୁ ପଦାର୍ଥକୁ ପ୍ରକାଶ କରିବ । ଏହି ଗ୍ରନ୍ଥରେ କୁହାଯାଇଥିବା ସମସ୍ତ କଥା ପ୍ରକୃତରେ ଘଟିଛି । ଶ୍ରୀଳ ଗୁରୁଦେବ ବେଦ, ପୁରାଣ ଓ ଉପନିଷଦ ଇତ୍ୟାଦିରୁ ଏହି ଉପାଖ୍ୟାନକୁ ଉଦ୍ଧାର କରିଛନ୍ତି ।

**ଶ୍ରୀମତୀ ଶ୍ୟାମାରାଣୀ ଦାସୀ**
**ସମ୍ପାଦିକା**

# ପ୍ରେମର ପ୍ରକୃତ ପାତ୍ର

## ଅପାତ୍ରେ କୃତ ପ୍ରେମ

ଭର୍ତ୍ତୃହରି ନାମକ ଜଣେ ସୁନ୍ଦର ଓ ପ୍ରଭାବଶାଳୀ ରାଜା ଥିଲେ। ସେ ସକଳ କଳା ବିଦ୍ୟାରେ ନିପୁଣ ଥିଲେ। ୨୫ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା। ସେ ତାଙ୍କ ନବ-ବିବାହିତା ସୁନ୍ଦରୀ ପତ୍ନୀଙ୍କୁ ଖୁବ ଭଲ ପାଉଥିଲେ। ତାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ରାଜା ଏକ ରତ୍ନଖଚିତ ମୁଲ୍ୟବାନ୍ ହାର ଉପହାର ଦେଲେ। ତା'ର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କାରୁ ଅଧିକ ହେବ। ରାଜା ନିଜ ହାତରେ ସେହି ହାରଟିକୁ ରାଣୀଙ୍କ ଗଳାରେ ପିନ୍ଧାଇ ଦେଲେ ଓ ତାଙ୍କୁ ଆଲିଙ୍ଗନ କରି କହିଲେ—ପ୍ରିୟେ! ଏହି ହାରଟି ଅତି ଅମୂଲ୍ୟ। ତୁମେ ଏହାକୁ ସବୁବେଳେ ଗଳାରେ ପିନ୍ଧିବ।

ରାଜା ଭର୍ତ୍ତୃହରି ତାଙ୍କ ପତ୍ନୀ ପ୍ରତି ଖୁବ୍ ଆସକ୍ତ ଥିଲେ, କିନ୍ତୁ ରାଣୀଙ୍କର ରାଜାଙ୍କ ପ୍ରତି ସେତେ ଆସକ୍ତି ନଥିଲା। ପକ୍ଷାନ୍ତରେ ରାଣୀ ରାଜାଙ୍କର ଜଣେ ସେନାପତି ପ୍ରତି ଆସକ୍ତ ଥିଲେ। ସେ ମଧ୍ୟ ରୂପ-ଯୌବନ ସମ୍ପନ୍ନ ସୁନ୍ଦର ଯୁବକ ଥିଲେ। ତେଣୁ ରାଣୀ ସେହି ହାରଟିକୁ କିଛିଦିନ ପିନ୍ଧିଲା ପରେ ସେନାପତିଙ୍କୁ ଉପହାର ଦେଇଦେଲେ।

ରାଣୀ ସେନାପତିଙ୍କ ପ୍ରତି ଆସକ୍ତ ଥିଲେ ମଧ୍ୟ ସେନାପତି ରାଣୀଙ୍କ ପ୍ରତି ସମାନୁପାତରେ ଆସକ୍ତ ନ ଥିଲେ। ସେ ଜଣେ ବେଶ୍ୟାକୁ ଭଲ ପାଉଥିଲେ। ହାରଟି ପାଇବା ପରେ ସେନାପତି ତାକୁ ଉକ୍ତ ବେଶ୍ୟାକୁ ଦେଇଦେଲେ। କିନ୍ତୁ ବେଶ୍ୟାଟି ସେନାପତିଙ୍କୁ ମଧ୍ୟ ସେତେ

ଭଲପାଉ ନଥିଲା । ସେ ରାଜାଙ୍କ ପ୍ରତି ଆସକ୍ତ ଥିଲା । ଦିନେ ସେହି ବେଶ୍ୟା ରାଜାଙ୍କୁ ଖୁସୀ କରିବା ପାଇଁ ଉକ୍ତ ହାରଟିକୁ ତାଙ୍କୁ ଉପହାର ଦେଲା । ରାଜା ସେହି ହାରଟିକୁ ଦେଖି ବିସ୍ମିତ ହେବା ସଙ୍ଗେ ସଙ୍ଗେ ମର୍ମାହତ ହେଲେ । ହାରଟି ସେ କେଉଁଠୁ ପାଇଛି ବୋଲି ରାଜା ପଚାରିବାରୁ ସେ ଭୟଭୀତ ହୋଇ କିଛି ଉତ୍ତର ଦେଇ ପାରିଲା ନାହିଁ । ରାଜା ରାଗିଯାଇ କହିଲେ—ଯଦି ତୁ ମୋ ପ୍ରଶ୍ନର ସଠିକ୍ ଉତ୍ତର ନ ଦେବୁ ତେବେ ମୁଁ ତୋ' ମୁଣ୍ଡ-କାଟ କରିବି । ତେଣୁ ବେଶ୍ୟାଟି ସବୁ ସତକଥା ପ୍ରକାଶ କଲା । ରାଜା ତାକୁ ଛାଡ଼ି ଦେଲେ ଓ ହାରଟିକୁ ନେଇ ସେନାପତିଙ୍କ ନିକଟରେ ପହଞ୍ଚିଲେ ।

ରାଜା ସେନାପତିଙ୍କୁ ପଚାରିଲେ—ତୁମେ ଏହି ହାରଟିକୁ କେଉଁଠୁ ପାଇଲ ? ଯଦି ତୁମେ ମୋତେ ସତ କୁହ ତେବେ ମୁଁ ତୁମର କୌଣସି କ୍ଷତି କରିବି ନାହିଁ । କିନ୍ତୁ ଯଦି ମିଛ କୁହ ତେବେ ମୁଁ ତୁମର ମୁଣ୍ଡକାଟ କରିବି । ସେନାପତି ରାଜାଙ୍କ ନିକଟରେ ବାସ୍ତବ ସତ୍ୟ କହିଲେ । ତହୁଁ ରାଜା ବୁଝିପାରିଲେ ଯେ, ଏ ଜଗତରେ ଅସଲ ପ୍ରେମ ବୋଲି କିଛି ନାହିଁ । ତତ୍କ୍ଷଣାତ୍ ସେ ନିଜର ସମସ୍ତ ଆସକ୍ତିକୁ ଛାଡ଼ିବା ପାଇଁ ଦୃଢ଼ ସଂକଳ୍ପ କଲେ । ସେ ରାଜପ୍ରାସାଦ, ରାଜପାଟ ଓ ରାଜକୀୟ ବସ୍ତ୍ର ଆଦି ତ୍ୟାଗକରି ପ୍ରସିଦ୍ଧ ସନ୍ନ୍ୟାସୀ ରୂପେ ସମସ୍ତ ଅନୁରାଗକୁ ଭଗବାନଙ୍କ ଚରଣରେ ସମର୍ପି ଏକ ଭଗବତ୍ ଭକ୍ତ ହୋଇଗଲେ ।

ରାଜା ଭର୍ତ୍ତୃହରିଙ୍କର ପତ୍ନୀଙ୍କ ପ୍ରତି ଥିବା ଆସକ୍ତି ଭାଙ୍ଗି ଯିବାରୁ ତାଙ୍କ ମନରେ ଶୋକ, ଦୁଃଖ ଓ କ୍ରୋଧ ଉତ୍ପନ୍ନ ହେଲା । ତେଣୁ ଭଲ

ପାଇବାକୁ ହେଲେ ସର୍ବ-ପ୍ରଥମେ ପ୍ରେମର ପରମ ଆଧାର ଭଗବାନଙ୍କୁହିଁ ଭଲ ପାଇବାକୁ ହେବ, ଏହା ଜାଣି ନଥିବାରୁ ତାଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆମ ମଧ୍ୟରୁ ଅନେକ ଭାବନ୍ତି, ଭଗବାନ୍ ବୋଲି କେହି ନାହାଁନ୍ତି ; କେତେକ ଭାବନ୍ତି, ଭଗବାନ୍ ଆକାରବିହୀନ (ନିରାକାର) ଓ ନିଃଶକ୍ତିକ ; ପୁଣି କେତେକ ଭାବନ୍ତି, ବିଭିନ୍ନ ମତ ଅନୁରୂପ ଭଗବାନ୍ ମଧ୍ୟ ଅନେକ ଅଛନ୍ତି । ଉପର୍ଯୁକ୍ତ କଥାଟି ପ୍ରତିପାଦନ କରୁଛି ଯେ, ପ୍ରେମର ମୂର୍ତ୍ତିମାନ୍ ସ୍ୱରୂପ ଓ ଏକମାତ୍ର ପରମ ସତ୍ୟକୁ ଜାଣିବା ପରେ ପ୍ରତ୍ୟେକ ପ୍ରାଣୀ ପରସ୍ପର ପ୍ରେମପୂର୍ବକ ରହିବା ସହିତ ଶତ୍ରୁତା, ଈର୍ଷ୍ୟା ଓ ମିଥ୍ୟା କଳହରୁ ଉତ୍ପନ୍ନ ଦୁଃଖ-ଯନ୍ତ୍ରଣାରୁ ମୁକ୍ତ ହୋଇପାରିବେ ।

## କେବଳ ଗୋଟିଏ ମାତ୍ର ପରିବାର ଅଛି

ଆମେ ସବୁ ଏକମାତ୍ର ଭଗବାନଙ୍କ ପରିବାରର ସଦସ୍ୟ । ଏହା ଠିକ୍ ନୁହେଁ ଯେ ଇଂଲଣ୍ଡରେ ଜଣେ ଭଗବାନ୍ ଅଛନ୍ତି, ଆମେରିକାରେ ଜଣେ ଏବଂ ଭାରତରେ ଆଉ ଜଣେ ଭଗବାନ୍ ଅଛନ୍ତି । ଖ୍ରୀଷ୍ଟିୟାନ, ମୁସଲମାନ୍ ଓ ହିନ୍ଦୁ ଭିନ୍ନ-ଭିନ୍ନ ଈଶ୍ୱରଙ୍କୁ ଉପାସନା କରୁନାହାଁନ୍ତି । ଆଲ୍ଲା, ବ୍ରହ୍ମ, ଜେହୋବା, କୃଷ୍ଣ ଓ ଓ୍ୱାହେ ଆଦି ନାମ ସେଇ ଜଣକୁ ମାତ୍ର ବୁଝାଏ ଯାହା ଭାଷା ଓ ସଂସ୍କୃତି-ଭେଦରେ (ସ୍ଥାନ, କାଳ ଓ ପାତ୍ର ଭେଦରେ) ଭିନ୍ନ-ଭିନ୍ନ ପ୍ରତୀତ ହୁଏ ।

ଯଦି ଆମେ ସମସ୍ତେ ସେହି ଏକମାତ୍ର ଈଶ୍ୱରଙ୍କୁ ପୂଜିବା ତେବେ କଳହର ପ୍ରଶ୍ନ କେଉଁଠି ? ଆମେ କଳହ କରୁଛୁ, ଯେଣୁ ଆମେ ଜାଣିନାହୁଁ ବାସ୍ତବ ପ୍ରେମଟି କ'ଣ ଏବଂ କାହାକୁ କୁହାଯାଏ । ଯଦି

ଆମର ସେଇ ଏକ ପରମ-ଈଶ୍ୱରଙ୍କ ପ୍ରତି ବାସ୍ତବ ପ୍ରେମ ରହିବ, ତେବେ ସ୍ୱତଃ ଆମେ ଆମକୁ ଭଲ ପାଇପାରିବା । ଲୋକକଥା ଅଛି "Love is God and God is Love" । ବୈଦିକ ସାହିତ୍ୟରେ ଏହା ମଧ୍ୟ କୁହାଯାଇଛି "ସର୍ବେ ଭବନ୍ତୁ ସୁଖିନଃ", ଅର୍ଥାତ୍ ସମସ୍ତେ ସୁଖୀ ହୁଅନ୍ତୁ ।

ଜେସସ୍ ମଧ୍ୟ ସେଇ ଶିକ୍ଷା ଦେଇଛନ୍ତି । ସେ ଷୋଳ ବର୍ଷ ବୟସରେ ଭାରତ-ଭ୍ରମଣରେ ଆସିଥିଲେ ଏବଂ ବୃନ୍ଦାବନ, ଅଯୋଧ୍ୟା, ଦ୍ୱାରକା, ପୁରୀ ଓ ଦକ୍ଷିଣଭାରତର ବିଭିନ୍ନ ତୀର୍ଥ ସ୍ଥାନ ଦେଖିଥିଲେ । ପୁରୀରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଶ୍ରୀବିଗ୍ରହଙ୍କୁ ଦର୍ଶନ କଲେ, ଏବଂ "ସକଳ ବ୍ରହ୍ମାଣ୍ଡର ଈଶ୍ୱର" କୃଷ୍ଣ ହିଁ ଜଗନ୍ନାଥ ବୋଲି ସେ ଜାଣିବାକୁ ପାଇଲେ । ସେଠି କୃଷ୍ଣ ଶବ୍ଦର ଉଚ୍ଚାରଣ 'କୃଷ୍ଟ' ବୋଲି ହୋଇଥାଏ । ଭାଷାର ବିଭିନ୍ନତା ଅନୁସାରେ ଗ୍ରୀକ୍ ଓ ହୀବ୍ରୁରେ ସେହି ନାମଟି କ୍ରୁଷ୍ଟ ବୋଲି ଉଚ୍ଚାରିତ ହୁଏ ଏବଂ କିଛି କାଳ ପରେ ତାହା ଏବେ ଖ୍ରୀଷ୍ଟ ବୋଲି ଉଚ୍ଚାରିତ ହେଉଛି । କୃଷ୍ଣ, କ୍ରୁଷ୍ଣ, କ୍ରିଷ୍ଟ ଓ ଖ୍ରୀଷ୍ଟ ଏକ ଈଶ୍ୱର ଅଟନ୍ତି ।

ଏହି ବିଶ୍ୱରେ କେବଳ ଜଣେମାତ୍ର ଈଶ୍ୱର ଅଛନ୍ତି ଏବଂ ସେ ଭାରତୀୟ, ରୁଷୀୟ, ଇଂଲଣ୍ଡୀୟ, ଜର୍ମାନୀୟ ବା ସ୍ପେନୀୟ ନୁହଁନ୍ତି । ସେ ବିନା ଚେଷ୍ଟାରେ ସବୁ ଭାଷା ଜାଣନ୍ତି । କିନ୍ତୁ ବସ୍ତୁତଃ ସେ ସବୁ ଭାଷାକୁ ଜାଣିବାର କୌଣସି ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱରେ କେବଳ ଗୋଟିଏ ମାତ୍ର ଭାଷା ଅଛି ; ତାହା ହେଉଛି ପ୍ରେମର ଭାଷା । ଚକ୍ଷୁ ସେହି ଭାଷା ଦେଖି ପାରେ, କାନ ତାହା ଶୁଣି ପାରେ ଓ ହାତ

ତାହା ଧରିପାରେ ଏବଂ ବୁଦ୍ଧି ତାହା ବୁଝିପାରେ। ପ୍ରେମ ଦ୍ୱାରା ଉଜ୍ଜ୍ୱଳୀକୃତ ମୁଖ ତାହା ସମ୍ପୂର୍ଣ୍ଣଭାବେ କହିପାରେ। ଈଶ୍ୱର ଏକମାତ୍ର ହିଁ ପ୍ରେମର ମୂର୍ତ୍ତିମନ୍ତ ସ୍ୱରୂପ। କୃଷ୍ଣ-ନାମ ହିଁ ଈଶ୍ୱରଙ୍କର ମୁଖ୍ୟ ନାମ। ଏହାର ଅର୍ଥ ‘ ଆକର୍ଷକ ଓ ଦିବ୍ୟ ଆନନ୍ଦର ଉତ୍ସ’। ଅନ୍ୟ ସବୁ ନାମ ଯଥା, ପରମାତ୍ମା, ବୁଦ୍ଧ, ଆଲ୍ଲା ଓ ଈଶ୍ୱର ଆଦି କୃଷ୍ଣ ନାମର ପର୍ଯ୍ୟାୟବାଚୀ।

## ବିବିଧତା ମଧ୍ୟରେ ଏକତା

ଯଦ୍ୟପି ଆମେ ସେଇ ଏକ ପରମପୁରୁଷଙ୍କ ଅଂଶର ଅଂଶ, ତଥାପି ଆମେ ଏହି ପୃଥିବୀକୁ ଖଣ୍ଡ ଖଣ୍ଡ କରୁଛୁ, ଏବଂ ଏହା ମୋ’ ଦେଶ, ତାହା ତୁମ ଦେଶ, ବୋଲି ଘୋଷଣା କରୁଛୁ।

ଯଦ୍ୟପି ଆମେ ପ୍ରତ୍ୟେକ ଭିନ୍ନ-ଭିନ୍ନ ବ୍ୟକ୍ତି, ତଥାପି ଆମେ ସେହି ଗୋଟିକ ସୂର୍ଯ୍ୟଙ୍କ ଉପରେ ନିର୍ଭର କରୁଛୁ, ଏକ ହିଁ ବାୟୁକୁ ଗ୍ରହଣ କରୁଛୁ। ଏହା ହିଁ ବିବିଧତା ମଧ୍ୟରେ ଏକତାର ନିୟମ। ଏକତା ଏହି ଘଟଣାକୁ ନିର୍ଦ୍ଦେଶ କରେ ଯେ, ଆମେ ସବୁ ସମସ୍ତଙ୍କ ପିତା ସ୍ୱରୂପ ସେଇ ପରମାତ୍ମା କୃଷ୍ଣଙ୍କର ଅଂଶ ଓ ଅଂଶାଂଶ। ଠିକ୍ ସେହିପରି ବିବିଧତାର ଅର୍ଥ ଭୌତିକ ଜଗତରେ ପ୍ରତ୍ୟେକ ଜୀବର ଭିନ୍ନ-ଭିନ୍ନ ସ୍ୱଭାବ। ସୁତରାଂ ଏହା ବାସ୍ତବ ସତ୍ୟ ହୋଇଥିବାରୁ କେବଳ ଏଇଥିରୁ ହିଁ ଆମେ ବାସ୍ତବ ସୁଖ-ଶାନ୍ତି ପାଇବା। ଯଦି ଜନସାଧାରଣଙ୍କର ଭଗବାନଙ୍କ ଠାରେ ବିଶ୍ୱାସ ନାହିଁ, ଏବଂ ତାଙ୍କ ପ୍ରତି ଓ ଜୀବମାନଙ୍କ ପ୍ରତି ପ୍ରେମ ନାହିଁ, ତେବେ ବିବିଧତାରେ ଏକତାର କୌଣସୀ ଅର୍ଥ ନାହିଁ।

## ସମସ୍ତ ପ୍ରାଣୀଙ୍କୁ ଭଲ ପାଅ

ଲୋକେ ପ୍ରାୟ ଭାବନ୍ତି ଯେ ମନୁଷ୍ୟମାନେ ହିଁ ଭଗବାନଙ୍କ ପରିବାରର ଏକମାତ୍ର ସଦସ୍ୟ ଅଥବା ଭଗବାନଙ୍କ ଏକମାତ୍ର ସନ୍ତାନ, କିନ୍ତୁ ବସ୍ତୁତଃ ତାହା ନୁହେଁ । ଭଗବାନ୍ ସମସ୍ତ ପ୍ରାଣୀଙ୍କୁ ସୃଷ୍ଟି କରିଛନ୍ତି । ସମସ୍ତେ ତାଙ୍କ ସନ୍ତାନ ; ତେଣୁ ଆମେ ସମସ୍ତଙ୍କୁ ଭଲ ନ ପାଇବା କାହିଁକି ? ଉପଦେଶକମାନେ କୁହନ୍ତି 'ସମସ୍ତେ ସୁଖୀ ହୁଅନ୍ତୁ' । ଏହା କୁହାଯାଇ ନାହିଁ ଯେ, କେବଳ ମନୁଷ୍ୟ ସୁଖୀ ରହୁ । ଅତଏବ ଏହା କେବଳ ମନୁଷ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।

ଭଗବାନ୍ ଗୋ-ଜାତିକୁ ସୃଷ୍ଟି କରିଛନ୍ତି । ସେହି ଗୋ-ଜାତି ଅବାଧରେ କୌଣସି ବାଛ-ବିଚାର ନ କରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦୁଗ୍ଧ ଦିଅନ୍ତି । ବେଦରେ ଗାଈକୁ ଗୋ-ମାତା କୁହାଯାଇଛି । କାରଣ ସେ ସମସ୍ତଙ୍କୁ ନିଜ କ୍ଷୀର ଦେଇ ପୋଷୁଛି । ବାଇବିଲ୍‌ର କୋଣସି ସ୍ଥାନରେ କୁହାଯାଇନାହିଁ ଯେ, ଆମେ ଗାଈକୁ କିମ୍ବା କୌଣସି ଜୀବକୁ (ପଶୁକୁ) ମାରି ଖାଇବା । ମୂଳ Aramaic ଭାଷାରେ ଲିଖିତ ବାଇବିଲ୍ ରେ "ବ୍ରୋସିମସ" (brosimus) ଶବ୍ଦଟି କୋଡ଼ିଏରୁ ଅଧିକ ଥର ବ୍ୟବହୃତ ହୋଇଛି । ବ୍ରୋସିମସ୍ ଶବ୍ଦର ଅର୍ଥ 'ଖାଦ୍ୟ' କିନ୍ତୁ ତାକୁ 'ମାଂସ' ଅର୍ଥ କରାଯାଇଛି । ପୁରାତନ ଇଂରାଜୀ ଭାଷାରେ "meat"ର ଅର୍ଥ 'ମାଂସ' ନୁହେଁ, କିନ୍ତୁ 'food'—ଖାଦ୍ୟ । କିନ୍ତୁ ଇଂରାଜୀ ଭାଷା ବଦଳିଯାଇଛି । ସେଥିପାଇଁ ବର୍ତ୍ତମାନ ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ, ପବିତ୍ର ବାଇବିଲ୍ ମାଂସ ଖାଇବା ପାଇଁ ଅନୁମୋଦନ କରିଛି ।

The Old Testament ସ୍ପଷ୍ଟ ଭାବରେ କହିଛି, "Thou shall not kill"। କୌଣସି ପ୍ରାଣୀକୁ ତୁମେ ମାରିବ ନାହିଁ। କୋରାନ୍ ମଧ୍ୟ ଗାଈକୁ ମାରି ଖାଇବା ପାଇଁ ଶିଖାଇ ନାହିଁ। ମନୁଷ୍ୟଙ୍କ ଆହାର ପାଇଁ ଭଗବାନ୍ ପଶୁମାନଙ୍କୁ ସୃଷ୍ଟି କରିନାହାଁନ୍ତି। ମନୁଷ୍ୟର ଖାଦ୍ୟ ରୂପେ ଭଗବାନ୍ ଫଳ, ମୂଳ, ଦୁଧ, ଦହି, ଘିଅ, ଶସ୍ୟ ତଥା ଅନ୍ୟାନ୍ୟ କେତେ ପନିପରିବା ସୃଷ୍ଟି କରିଛନ୍ତି। ଆମେ ଯଦି ତାଙ୍କର କୌଣସି ସନ୍ତାନକୁ (ଅନ୍ୟ ନିରୀହ ପ୍ରାଣୀକୁ) ବଧ କରୁ, ତେବେ ସେ ସନ୍ତୁଷ୍ଟ ହେବେ ନାହିଁ, ପୁଣି ଆମ ନିଜ ମାତା (ଗୋ-ମାତା)ର ବଧ ବିଷୟରେ ଆଉ କ'ଣ କୁହାଯାଇପାରେ ! ଅର୍ଥାତ୍ ଗୋ-ମାତାକୁ ବଧ କଲେ ଭଗବାନ୍ କଦାପି ସନ୍ତୁଷ୍ଟ ହେବେ ନାହିଁ।

ବୃକ୍ଷ-ଲତା, ପଶୁ-ପକ୍ଷୀ ଓ ଅନ୍ୟ କୀଟ-ପତଙ୍ଗ ଆଦି ସମସ୍ତେ ସେହି ଭଗବାନଙ୍କର ହିଁ ସନ୍ତାନ। ବୈଦିକ ସାହିତ୍ୟରେ ଏହା ମଧ୍ୟ କୁହାଯାଇଛି ଯେ, କୌଣସି ଜମିରେ ଫସଲ ବୁଣା ଯିବା ପରେ କେହି ଚ୍ଲିବା ଉଚିତ ନୁହେଁ। କାରଣ ସେହି ବୀଜଗୁଡ଼ିକ ମରିଯାଇ ପାରନ୍ତି। ସେଥିପାଇଁ ଆମେ କୌଣସି ଜୀବକୁ ଯନ୍ତ୍ରଣା ଦେବା ଉଚିତ ନୁହେଁ।

ଆମେ ପରମ ପୁରୁଷ ଭଗବାନଙ୍କ ସନ୍ତାନ, ଯେ କି ଆନନ୍ଦର ମୂର୍ତ୍ତିମନ୍ତ ସ୍ୱରୂପ ଏବଂ ସମସ୍ତଙ୍କ ପାଇଁ ଆନନ୍ଦର ଉତ୍ସ। ଆମେ ସେହି ପରମ ଆନନ୍ଦଙ୍କ ଅଂଶ। ଆମ୍ଭମାନଙ୍କ ଓ ଭଗବାନଙ୍କ ମଧ୍ୟରେ କେବଳ ପାର୍ଥକ୍ୟ ଏତିକି—ଭଗବାନ୍ ଅସୀମ ଓ ଆମେ ସସୀମ। ଗୁଣାତ୍ମକ ଦୃଷ୍ଟିରୁ ଆମେ ଭଗବାନଙ୍କ ସହିତ ସମାନ କିନ୍ତୁ ଦୁର୍ଭାଗ୍ୟବଶତଃ ଆମେ ତାହା ଭୁଲି ଯାଉଛୁ। ସେହି ବାସ୍ତବ ସତ୍ୟର ଉପଲବ୍ଧି ପାଇଁ ଚେଷ୍ଟା

କରିବା ଉଚିତ । ଅନ୍ୟାନ୍ୟ ଧର୍ମ-ସମ୍ପ୍ରଦାୟର ବିଶ୍ୱାସ ସହିତ ଯୁଦ୍ଧ କରିବା ଉଚିତ ନୁହେଁ । ପ୍ରେମ ହିଁ ସମସ୍ତଙ୍କର ଏକ ଓ ପରମ-ଧର୍ମ । ସେହି ପ୍ରେମ ହିଁ ଅଦ୍ୱିତୀୟ । ସମସ୍ତେ ଭଗବାନଙ୍କୁ ଓ ସମସ୍ତଙ୍କୁ ଭଲ ପାଇବା ଉଚିତ । ଏପରି କରିବା ଦ୍ୱାରା ବିଶ୍ୱବାସୀ ସୁଖ-ଶାନ୍ତିରେ ରହି ପାରିବେ ।

## ପ୍ରେମର ଏକ ରୂପ ଅଛି

ବେଦର ଉକ୍ତି ଅନୁସାରେ ସେହି ପରମପୁରୁଷ ଭଗବାନଙ୍କର ଦିବ୍ୟ ରୂପ ଓ ଗୁଣ ଅଛି ; ସେ ଅସାଧାରାଣ ଲୀଳା କରନ୍ତି । ସେ ସବୁରି ଆକର୍ଷକ ଓ ସମସ୍ତ ଶକ୍ତିର ମୂଳ ଉତ୍ସ । ସେ ଅଖଣ୍ଡ ଓ ଅଦ୍ୱିତୀୟ । ଅର୍ଥାତ୍ ତାଙ୍କ ସହିତ କେହି ସମାନ ନୁହଁନ୍ତି କିମ୍ବା ତାଙ୍କଠାରୁ କେହି ବଡ଼ ନାହାଁନ୍ତି । ଯଦ୍ୟପି ସେ ଏକ ହୋଇ ମଧ ସବୁଠି ସବୁରୂପେ ଅଛନ୍ତି ତଥାପି ତାଙ୍କର ଦିବ୍ୟ ବ୍ୟକ୍ତିତ୍ୱ ଅଛି । ତାଙ୍କୁ God କିମ୍ବା ଈଶ୍ୱର କୁହାଯାଏ । God ଶବ୍ଦର ଅର୍ଥ ଯଥାକ୍ରମେ G-generator (ସୃଷ୍ଟିକର୍ତ୍ତା), O-operator (ପରିଚାଳକ) ଏବଂ D-destroyer (ସଂହାରକର୍ତ୍ତା) । ସେ ଏହି ଜଗତର ପରିଚାଳକ ଓ ଆଧାର । ମହାମୁନି ବେଦବ୍ୟାସ, ନାରଦ ମୁନି ଓ ବ୍ରହ୍ମା ଆଦି ମହାଜନ କହିଛନ୍ତି, ଭଗବାନଙ୍କର ଅତୀବ ସୁନ୍ଦର ରୂପ ଅଛି ଏବଂ ସେ ଅନନ୍ତ ଦିବ୍ୟଗୁଣ ସମ୍ପନ୍ନ ।

ଯଦି ପିତାଙ୍କର ରୂପ ଥାଏ, ତେବେ ତାଙ୍କ ସନ୍ତାନର ନିଶ୍ଚୟ ରୂପ ରହିବ । ଯଦି ପିତାଙ୍କର ରୂପ ଓ ଗୁଣ ନଥାଏ, ତେବେ ତାଙ୍କ ସନ୍ତାନର ରୂପ ଓ ଗୁଣ ରହିବ ନାହିଁ ।

ଶାସ୍ତ୍ରରେ ସ୍ଥାନେ ସ୍ଥାନେ ଭଗବାନଙ୍କୁ ନିର୍ବିକାର, ନିରାକାର (ଆକାର ରହିତ) କୁହାଯାଇଛି, କିନ୍ତୁ ନିର୍ବିକାର, ନିରାକାର ଇତ୍ୟାଦି ଶବ୍ଦର ତାତ୍ପର୍ଯ୍ୟ ହେଉଛି, ପ୍ରାକୃତ ଆକାରର ଓ ପ୍ରାକୃତ ବିକାରର ଅଭାବ । ତାଙ୍କ ଆକାର (ସ୍ୱରୂପ) ଓ ବିକାର ଦିବ୍ୟ, ଚିନ୍ମୟ ଓ ଅପ୍ରାକୃତ । ସେ ସର୍ବଶକ୍ତିମାନ୍, ସେଥିପାଇଁ ସେ ଯେ କୌଣସି ରୂପ ଧରିବାକୁ ସମର୍ଥ । ଯଦି ସେ ରୂପବିହୀନ, ଗୁଣବିହୀନ, ଶକ୍ତିବିହୀନ ଓ କୃପାବିହୀନ ହୋଇଥାନ୍ତେ, ତେବେ ତାଙ୍କର କୌଣସି ଅସ୍ତିତ୍ୱ ନଥାନ୍ତା । ସେ ଆମକୁ ସାହାଯ୍ୟ କରିପାରନ୍ତେ ନାହିଁ, କିମ୍ବା ଆମ ପ୍ରାର୍ଥନା ଶୁଣିପାରନ୍ତେ ନାହିଁ । ପୁଣି ସେ ଆମକୁ ଦିବ୍ୟ ଆନନ୍ଦ ଦିଅନ୍ତେ କିପରି । ଆମେ ଭଗବାନଙ୍କୁ କୃପାହୀନ, ଶକ୍ତିହୀନ ଓ ଗୁଣହୀନ ବୋଲି କହିପାରିବା ନାହିଁ । ଯଦି ସେ କୃପା ଆଦି ଦିବ୍ୟ ଗୁଣରୁ ରହିତ ହୁଅନ୍ତେ, ତେବେ ତାଙ୍କୁ ପୂଜା କରିବାର କୌଣସି ମୂଲ୍ୟ ରହନ୍ତା ନାହିଁ ।

କୋରାନ୍ ଓ ବାଇବିଲ୍ ମଧ୍ୟ ସ୍ୱୀକାର କରନ୍ତି ଯେ, ତାଙ୍କର ଦିବ୍ୟ ରୂପ ଅଛି । ବାଇବିଲ୍ କହେ, "God created man after His own image." ଅର୍ଥାତ୍ ଈଶ୍ୱର ନିଜର ଅନୁରୂପ ମନୁଷ୍ୟକୁ ସୃଷ୍ଟି କରିଛନ୍ତି । ଯଦି ତାଙ୍କର ରୂପ ନଥାନ୍ତା, ଆକାର ନଥାନ୍ତା, ତେବେ ବାଇବିଲ୍‌ରେ କାହିଁକି ଏହା କୁହାଯାଇଛି ? ଅତଏବ ତାଙ୍କର ରୂପ ଅଛି, ଯାହା ଚିନ୍ମୟ କିନ୍ତୁ ଭୌତିକ ନୁହେଁ । ତାଙ୍କର ଚିନ୍ମୟ ଶରୀର

ଅଛି, ଯେଉଁଥିରୁ ସେ ମନୁଷ୍ୟ ସୃଷ୍ଟି କରିଛନ୍ତି । ଏହା କୁହାଯାଇଛି ଯେ, ଯୀଶୁ ଖ୍ରୀଷ୍ଟ ଭଗବାନଙ୍କ ପୁତ୍ର । (Jesus Christ is the son of God) । ଯଦି ପୁତ୍ରର ରୂପ ଅଛି ତେବେ ପିତାଙ୍କର ମଧ୍ୟ ରୂପ ନିଶ୍ଚୟ ଥିବ । ବସ୍ତୁତଃ ତାଙ୍କର ଦିବ୍ୟ ଓ ସୁନ୍ଦର ରୂପ ଅଛି । ତାଙ୍କ ଠାରେ ସକଳ ଦିବ୍ୟ ଗୁଣ ବିରାଜମାନ ଏବଂ ସେ ସବୁ ଶକ୍ତିକୁ ନେଇ ସ୍ୱୟଂସଂପୂର୍ଣ୍ଣ ।

କୋରାନ୍ କହେ, "ଇନ୍‌ଲାହା ଖଲାକା ମେନ୍ ସୁରଥି" ଅର୍ଥାତ୍ ଆଲ୍ଲା ବା ଖୁଦାଙ୍କର ରୂପ ଅଛି, ଏବଂ ସେହି ରୂପରୁ ସେ ମନୁଷ୍ୟକୁ ଗଢ଼ିଛନ୍ତି । 'ସୁରଥି' ଶବ୍ଦର ଅର୍ଥ 'ରୂପ' ଏବଂ 'ଆଲ୍ଲା' ଶବ୍ଦର ଅର୍ଥ 'ସର୍ବଶ୍ରେଷ୍ଠ' । ସାରା ବିଶ୍ୱ ଓ ସୃଷ୍ଟି ତାଙ୍କ ମଧ୍ୟରେ ନିହିତ । ଶ୍ରେଷ୍ଠତ୍ୱ ଦୃଷ୍ଟିରୁ ତାଙ୍କ ଠାରୁ କିଛି ବଡ଼ ନାହିଁ । ଭଗବାନଙ୍କ ସମ୍ବନ୍ଧରେ ବେଦ ମଧ୍ୟ ସେହି ବିଚାରକୁ ସ୍ୱୀକୃତି ଦିଏ । ବେଦର ଉକ୍ତି ଅନୁସାରେ ପରମପୁରୁଷ ଭଗବାନ୍ କୃଷ୍ଣ ସମସ୍ତ ବୃହତ୍ ବସ୍ତୁରୁ ବୃହତ୍ତମ ଏବଂ ସମସ୍ତ କ୍ଷୁଦ୍ର ବସ୍ତୁରୁ କ୍ଷୁଦ୍ରତମ ।

ଭଗବାନଙ୍କୁ ଶାସ୍ତ୍ରରେ ଯେଉଁ 'ନିରାକାର', 'ନିର୍ଗୁଣ' ଓ 'ନିର୍ବିଶେଷ' ଆଦି  କୁହାଯାଇଛି ତାହାର ମୂଳ ହେଉଛି 'ଆକାର', 'ଗୁଣ' ଓ 'ବିଶେଷ' । ଆକାର ଶବ୍ଦର ସ୍ଥାୟିତ୍ୱ ବିନା ନିରାକାର ଶବ୍ଦ ହୋଇ ନ ପାରେ । ସୁତରାଂ ଆଦି ପୁରୁଷ ଭଗବାନ୍‌ଙ୍କର ନିର୍ଦ୍ଦିଷ୍ଟ ରୂପ, ଗୁଣ ଓ ବିଶେଷତା ଆଦି ରହିଛି । ସେହି ଗୁଣ ମାନଙ୍କ ମଧ୍ୟରୁ 'କୃପା' ଅନ୍ୟତମ । ସେ ଏତେ କୃପାମୟ ଯେ, ଏହି ଭୌତିକ ଜଗତକୁ ଭୋଗ କରିବା ପାଇଁ ଆମର ଯେଉଁ ତୀବ୍ର ବାସନା ଅଛି ତାହାକୁ ଚରିତାର୍ଥ କରିବା ପାଇଁ ସେ ଏହାକୁ ସୃଷ୍ଟି କରିଛନ୍ତି ।

## ସେହି ପ୍ରେମ ବିନା

ଥରେ ଲୋକଟିଏ ଦୂରଦେଶରୁ ଜଙ୍ଗଲ ପଥ ଦେଇ ନିଜ ଘରକୁ ଫେରୁଥିଲା। ଫେରିବା ବାଟରେ ସେ ଜଙ୍ଗଲରେ ବାଘର ରଡ଼ି ଶୁଣିପାରିଲା। କୌଣସି ଉପାୟ ନ ଦେଖି ଏବଂ ଅତ୍ୟନ୍ତ ଭୟଭୀତ ହୋଇ ସେ ଦୌଡ଼ିବାକୁ ଲାଗିଲା। ତାହାର ଆଖି ଏଣେ-ତେଣେ ଆଶ୍ରୟ ପାଇବା ପାଇଁ ଘୂରିବୁଲୁଥିଲା। ଶେଷରେ ସେ ଗୋଟିଏ ଅନ୍ଧକୂପ ନିକଟରେ ଆସି ପହଞ୍ଚିଲା। କୂଅଟି ବହୁଦିନ ଧରି ବ୍ୟବହୃତ ହେଉନଥିବାରୁ ତାହା ଉପରେ ବଣୁଆ ଘାସ-କୁଶ, ଛୋଟ-ଛୋଟ ଗୁଳ୍ମ ଲତା ଆଦି ଉଠି ଯାଇଥିଲା ଏବଂ ସେହି ଶୁଷ୍କ କୂପ ମଧ୍ୟରେ ଗୋଟିଏ ଗଛ ମଧ୍ୟ ଉଠିଥିଲା। ଉପାୟ-ଶୂନ୍ୟ ହୋଇ ଲୋକଟି ସେଇ ଗଛର ଦୁଇଟି ଶାଖାକୁ ଆଶ୍ରା କରି କୂଅ ଭିତରକୁ ଓହଳି ପଡ଼ିଲା। ଏବେ ସେ ନିଶ୍ଚୟ କରିନେଲା ଯେ  ଆଉ ବାଘର ଶିକାର ହେବ ନାହିଁ। ବାଘ ତାହା ପାଖରେ ଆଉ ପହଞ୍ଚିପାରିବ ନାହିଁ। ସେ କୂଅ ତଳକୁ ଯିବା ପାଇଁ ଚାହିଁ ଦେଖିଲା, ତା ପାଦତଳେ ଅନେକ ବିଷଧର ସର୍ପ ଫଁ ଫଁ କରୁଛନ୍ତି ଏବଂ ତାକୁ କାମୁଡ଼ିବା ପାଇଁ ସତେ ଯେମିତି ଚାହିଁ ବସିଛନ୍ତି। ଗଛର ଡାଳ ଦୁଇଟି ଧରି ତଳକୁ ଓହଳିଥିବା ଅବସ୍ଥାରେ ସେ ଅନୁଭବ କଲା ଯେ, ତାହାର ଦୁର୍ଦ୍ଦଶା ବେଳକୁ ବେଳ ବଢୁଛି। ସେଇ କୂଅର ତଳ ଭାଗରେ ଥିବା ସାପଗୁଡାକ ତାକୁ କାମୁଡ଼ିବା ପାଇଁ ଅପେକ୍ଷା କରିଛନ୍ତି ଏବଂ କୂଅର ଉପରେ ବାଘଟା ତାକୁ ଖାଇବା ପାଇଁ ଜଗି ବସିଛି। ସେ ଚିନ୍ତାଗ୍ରସ୍ତ ହୋଇ ଭୟରେ ଥରିବାକୁ ଲାଗିଲା।

ଏହିପରି କିଛିସମୟ ପରେ ସେ ଦେଖିଲା ଦୁଇଟି ମୂଷା, ଗୋଟିଏ କଳା ଓ ଅନ୍ୟଟି ଧଳା ଉକ୍ତ ଡାଳଟିକୁ ଧୀରେ-ଧୀରେ କାଟି ଲାଗିଛନ୍ତି । ଏହା ଦେଖି ସେ ଭାବୁଥିଲା, ଡାଳଟି କେତେବେଳେ ଭାଙ୍ଗି ପଡ଼ିବ ଏବଂ ସେ କୂଅ ଭିତରେ ସାପ ମାନଙ୍କ ଆଗରେ ପଡ଼ିଯିବ । ସେହି ଆସନ୍ନ ବିପତ୍ତିରୁ ମୁକ୍ତ ହେବା ପାଇଁ କୌଣସି ବାଟ ନାହିଁ । ଗଛ ଉପରେ ଚଢ଼ି ବାହାରକୁ ଗଲେ ବାଘ ଖାଇବା ସୁନିଶ୍ଚିତ, ଆଉ ଭିତରେ ପଡିଗଲେ ସାପ କାମୁଡ଼ିବା ସୁନିଶ୍ଚିତ । ତେଣୁ ସେ ଯାହାକିଛି ନିଷ୍ପତ୍ତି ନେବ, ତାହା କେବଳ ଭାଗ୍ୟର ବିଡ଼ମ୍ବନା ମାତ୍ର ।

ଏହିଭଳି ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତିରେ ପଡ଼ି ଲୋକଟି ଦେଖିବାକୁ ପାଇଲା, ତା' ସମ୍ମୁଖରେ ଥିବା ଗଛର ଉଚ୍ଚତମ ଶାଖାରେ ଏକ ବିରାଟ ମହୁଫେଣା ରହିଛି ଏବଂ ଗଛଟି ହଲୁଥିବାରୁ ସେହି ଫେଣାରୁ କିଛି କିଛି ମହୁ ଟୋପା ଠିକ ତା' ମୁହଁ ବାଟେ ବାଟେ ତଳକୁ ପଡୁଛି । ସେଇ ସୁଯୋଗ ନେଇ ଲୋକଟି ବାହାରକୁ ଜିଭ କାଢ଼ି ମହୁର ସ୍ୱାଦ ଚାଖିବାକୁ ଲାଗିଲା । "ଆହା ! କି ମଧୁର, କେତେ ମିଠା, କି ସୁଆଦିଆ !" ଏହିପରି ଭାବେ କିଛି ଆନନ୍ଦ ଅନୁଭବ କରି ସେ ତା'ର ଦୟନୀୟ ଓ ବିପଜ୍ଜନକ ସ୍ଥିତିକୁ ପୂରାପୂରି ଭୁଲିଗଲା ।

ଏହି ଉପମାଟି ଆମ ଦୈନନ୍ଦିନ ଜୀବନର ପ୍ରତିପାଦକ । ଲୋକଟି ଭୌତିକ ଜଗତ ପ୍ରତି ଆସକ୍ତ ଜୀବାତ୍ମାର ଦୃଷ୍ଟାନ୍ତ । ଭୌତିକ ଜଗତରେ ଆମେ ସବୁ ଏଇ ବିପଜ୍ଜନକ ପରିସ୍ଥିତିରେ ରହୁଛୁ । ଯେକୌଣସି ମୁହୂର୍ତ୍ତରେ ଅଚାନକ ଆମର ମୃତ୍ୟୁ ହୋଇପାରେ । ଭୌତିକଚେଷ୍ଟା ଦ୍ୱାରା ଏହି ବିପଜ୍ଜନକ ପରିସ୍ଥିତିରୁ ରକ୍ଷା ପାଇବାର

କୌଣସି ଉପାୟ ନାହିଁ । ସାପଗୁଡ଼ିକ ଆମ ବିଭିନ୍ନ ସମସ୍ୟାର ପ୍ରତିପାଦକ ; ଯାହା କି ସମୁଦ୍ରର ତରଙ୍ଗ ଭଳି ଗୋଟିକ ପରେ ଗୋଟିଏ ମାଡ଼ି ଆସୁଛି । ଭ୍ରମବଶତଃ ଆମେ ଭାବୁଛୁ, ଏହା ଆମର ଅନ୍ତିମ ସମସ୍ୟା । ଏହି ସମସ୍ୟାଟିର ସମାଧାନ ହୋଇଗଲେ ଆମେ ସୁଖୀ ହୋଇଯିବୁ । କିନ୍ତୁ ହାୟ ! ପ୍ରଥମ ସମସ୍ୟାଟି ସମାଧାନ କରିବାର ଠିକ୍ ପରମୁହୂର୍ତ୍ତରେ ଅନ୍ୟ ସମସ୍ୟାଟିଏ ତାହାଠାରୁ ଅଧିକ ବଡ଼ ଓ ଭୟଙ୍କର ରୂପ ଧରି ମାଡ଼ି ଆସୁଛି । କେବେ କେବେ ନାନା ପ୍ରକାର ଜଟିଳ-ସମସ୍ୟା ଯୁଗପତ୍ ସାମୂହିକ ରୂପରେ ମାଡ଼ିଆସୁଛି । କୂପ ବାହାରେ ଛିଡ଼ା ହୋଇଥିବା ବାଘଟି ମୃତ୍ୟୁର ପ୍ରତୀକ, ଯାହା ଆମ ସମସ୍ତଙ୍କୁ ପ୍ରତୀକ୍ଷା କରି ରହିଛି ।

ଶାଖା ଦୁଇଟି ଆମ (ଭଲ ଓ ମନ୍ଦ, ପାପ ଓ ପୂଣ୍ୟ) କର୍ମଗତ ପ୍ରତିକ୍ରିୟାର ପ୍ରତୀକ । ଆମେ ପୁଣ୍ୟ ଓ ପାପ କର୍ମର ପ୍ରତିକ୍ରିୟା ମାନଙ୍କୁ ମିଳିତଭାବେ ଭୋଗ କରୁଛୁ । ସେହି ପ୍ରତିକ୍ରିୟାମାନ ଆମ ଜୀବନଗତ ସମୟ-ସୀମାର ଅନ୍ତର୍ଗତ । ପ୍ରତିମୁହୂର୍ତ୍ତ ସେହି ସମୟସୀମାକୁ ଆମଠାରୁ କାଢ଼ି ନିଆଯାଉଛି । କଳା ମୂଷାଟି ରାତିର ଓ ଧଳା ମୂଷାଟି ଦିନର ପ୍ରତୀକ । ଗୋଟିଏ ପରବର୍ତ୍ତୀ ଦିନ ଆସିଲେ ଓ ଗଲେ ଆମେ ବହୁତ ଖୁସୀ ହେଉ, କିନ୍ତୁ ବସ୍ତୁତଃ ସେହି ଦିବସର ଆସିବା ଓ ଯିବାର ତାତ୍ପର୍ଯ୍ୟ ହେଉଛି, ତାହା ଆମ ଜୀବନର ସମୟ-ସୀମାକୁ ହରଣ କରୁଛି । ଏହିସବୁ ସମସ୍ୟା ଓ ବିପଦ ମଧ୍ୟରେ ଯେଉଁ ମହୁଟୋପାଟିକୁ ଆମ ଜିଭ ଚାଖୁଛି, ତାହା ଆମର ବନ୍ଧୁ ଓ ପରିବାରବର୍ଗଙ୍କ ସହିତ ଚାଖୁଥିବା କ୍ଷଣିକ ସୁଖ ସଦୃଶ ।

## ସୁଖର ଅନୁସନ୍ଧାନ

ପ୍ରତ୍ୟେକ ପ୍ରାଣୀ ଅନାବିଳ ଓ ଅକ୍ଷୟ (ଅଖଣ୍ଡ, ନିତ୍ୟ) ସୁଖ ପାଇବା ପାଇଁ ଅଧିକରୁ ଅଧିକ ଚେଷ୍ଟା କରନ୍ତି ଏବଂ ପ୍ରକୃତି ସହିତ ସଂଘର୍ଷ କରନ୍ତି । କିନ୍ତୁ ବେଦର ଉକ୍ତି ହେଉଛି, ଜାଗତିକ ବିଷୟ-ବସ୍ତୁ ନିତ୍ୟ ସୁଖ ଦେଇ ପାରିବ ନାହିଁ । ପୁରୁଷ ହେଉ ବା ସ୍ତ୍ରୀ ହେଉ କେହି ତାହା ସ୍ଥିତିରେ ଯାହା ଆଶା କରେ ତାହା ପାଏ ନାହିଁ । ସେ ଯେତେବଡ଼ ଧନୀ ହେଉ ନା କାହିଁକି କିମ୍ବା ଯୁବକ, ସୁନ୍ଦର, ଶିକ୍ଷିତ, ପ୍ରସିଦ୍ଧ ବା ପ୍ରତିଭାଶାଳୀ ହେଉ ନା କାହିଁକି, ସେ କିଛି ପାଇବାକୁ ଅନବରତ ଲାଗିଥାଏ, ଯାହାଦ୍ୱାରା କି ସେ ସୁଖୀ ହୋଇପାରିବ ।

ଏପରିକି ବଡ଼ ବଡ଼ ସମୃଦ୍ଧିଶାଳୀ ରାଷ୍ଟ୍ରପତିମାନେ ମଧ୍ୟ ଅତୃପ୍ତି ଓ ଅଶାନ୍ତିରେ ସମୟ କାଟନ୍ତି । ପୂର୍ବ ଇତିହାସ ଆଲୋଚନା କଲେ ଦେଖାଯାଏ ଯେ, ବଡ଼-ବଡ଼ ଧନୀ, ଶକ୍ତିଶାଳୀ ଓ ପ୍ରତିଭାଶାଳୀ ବ୍ୟକ୍ତି ଯଥା, ନେପୋଲିୟନ, ଇଂଲଣ୍ଡ- ଫ୍ରାନ୍ସ, ଜର୍ମାନୀ ଆଦିର ରାଜା ଓ ରାଣୀମାନେ ଅକଳନୀୟ ଭୌତିକ ସ୍ଥିତି ପାଇ ମଧ୍ୟ ଗଭୀର ଅଶାନ୍ତିରେ ଜୀବନ କାଟିଛନ୍ତି । ଏବେ ରାଜକୁମାରୀ ଡାୟନା ଓ ବିଲ୍ କ୍ଲିଣ୍ଟନ୍ ଆଦି ପ୍ରତିଭାଶାଳୀ ବ୍ୟକ୍ତିଙ୍କ ଜୀବନରେ ମଧ୍ୟ ଆମେ ଏହି ଅଶାନ୍ତିକୁ ଦେଖିପାରିବା । ଆମେ ଯେଉଁ ଅଳୀକ ସୁଖ ପାଇଥାଉ ତାହା କ୍ଷଣିକ ଓ ବହୁଦୁଃଖ-ଜଡିତ । ସେହି ସୁଖ ସର୍ବକ୍ଷଣ ସ୍ଥାୟୀ କିମ୍ବା ନିତ୍ୟ ନୁହେଁ । ତାହା ପୂର୍ଣ୍ଣ ବା ପବିତ୍ର ମଧ୍ୟ ନୁହେଁ । ନିମ୍ନତମ (ଭୌତିକ) ଜଗତରୁ ଆରମ୍ଭ କରି ଉଚ୍ଚତମ (ସ୍ୱର୍ଗାଦି) ଜଗତ ପର୍ଯ୍ୟନ୍ତ ସର୍ବତ୍ର ବିଭିନ୍ନପ୍ରକାର ଦୁଃଖ ବିଦ୍ୟମାନ ଏବଂ ନିତ୍ୟ ସୁଖ କେଉଁଠି ହେଲେ ନାହିଁ ।

ଭୌତିକ ଶରୀର ସହିତ ସଂପୃକ୍ତ କୌଣସି ପ୍ରାଣୀ ଏଠାରେ ସୁଖୀ ହୋଇପାରିବ ନାହିଁ । ଶରୀର ରୂପୀ ପିଞ୍ଜରା ଯାହା ଜନ୍ମ-ମୃତ୍ୟୁ ଓ ଜରା (ବୃଦ୍ଧାବସ୍ଥା)-ବ୍ୟାଧିର ଆଶ୍ରୟ, ସେଥିରୁ ମୁକ୍ତ ହେବା ପାଇଁ ରାସ୍ତା ଖୋଜିବା ହିଁ ମନୁଷ୍ୟ ଦେହ ପ୍ରାପ୍ତିର ଉଦ୍ଦେଶ୍ୟ । ଆମେ ଭୌତିକ ଶରୀରକୁ ସନ୍ତୁଷ୍ଟ କରି ସୁଖୀ ହେବା ପାଇଁ ଚେଷ୍ଟା କରୁଛୁ, କିନ୍ତୁ ବୃଦ୍ଧାବସ୍ଥା ଶୀଘ୍ର ଆସି ଆମ ଆଗରେ ଠିଆ ହେଉଛି ଏବଂ ସେଥିପାଇଁ ଆମେ ଦୁଃଖୀ ହେଉଛୁ । ଯାହା କିଛି ଭୌତିକ ସୁଖ ଆମେ ଭୋଗ କରୁ ତାହା ବାସ୍ତବ ସୁଖ ନୁହେଁ, ତାହା ଦୁଃଖର ଘନୀଭୂତ ଅବସ୍ଥା । ଆମେ ବୁଝିପାରୁ ନାହୁଁ ଯେ, ‘ଆତ୍ମା’ ଶରୀର ଓ ମନ ଠାରୁ ଭିନ୍ନ ଏବଂ ତାହା ଚିନ୍ମୟ, ନିତ୍ୟ, ପୂର୍ଣ୍ଣ, ଜ୍ଞାନମୟ ଓ ଆନନ୍ଦମୟ । ସେଥିପାଇଁ ଆମେ କେବଳ ସେହି ନିତ୍ୟ, ଚିନ୍ମୟ, ପୂର୍ଣ୍ଣ, ଜ୍ଞାନମୟ ଓ ଆନନ୍ଦମୟ ପରମପୁରୁଷ ଭଗବାନଙ୍କ ସହିତ ଶୁଦ୍ଧ ଭକ୍ତି-ସମ୍ବନ୍ଧରେ ସଂପୃକ୍ତ ହେଲେ ହିଁ ନିତ୍ୟ ଶାଶ୍ୱତ ସୁଖ ପାଇ ପାରିବା ।

ବର୍ତ୍ତମାନ ଆମେ ଚିକିତ୍ସା, ପରିବହନ, ସଂଚାର ଆଦି ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ ଜିନିଷ ଉଦ୍ଭାବନ କରୁଛୁ, ତାହା ଦ୍ୱାରା ଖୁବ୍ ଅଳ୍ପ ସମୟରେ ବିଶ୍ୱର ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ସହଜରେ ଯାଇ ପାରୁଛୁ । ଘରର ଗୋଟିଏ କୋଣରେ ବସି ବିଶ୍ୱର ଅନ୍ୟ କୋଣରେ କଣ ଘଟୁଛି ତାହା ଦେଖି ପାରୁଛୁ । ଘରେ ବସି ଭାରତ ଓ ଅଷ୍ଟ୍ରେଲିୟା ମଧ୍ୟରେ ହେଉଥିବା କ୍ରିକେଟ ମ୍ୟାଚ୍ ଦେଖି ପାରୁଛୁ । ଆମେରିକାର ରାଷ୍ଟ୍ରପତି ୱାସିଂଟନର White House ରେ ବସି ଭାଷଣ ଦେଉଥିବାର ଦେଖିପାରୁଛୁ । ଜଣକର ଆଖି ନଷ୍ଟ ହୋଇଗଲେ ଶଲ୍ୟ- ଚିକିତ୍ସକମାନେ ମୃତ ଦେହରୁ ଆଖି ବାହାର କରି ସେଠି ଲଗାଇ ପାରୁଛନ୍ତି ।

କିନ୍ତୁ ଏହି ସବୁ କ୍ଷେତ୍ରରେ ଏତେ ଅଗ୍ରଗତି କରି ମଧ୍ୟ, ମନୁଷ୍ୟ ସମାଜ ପୂର୍ବ ଅପେକ୍ଷା ଅଧିକ ଦୁଃଖ ଓ କଷ୍ଟ ଭୋଗୁଛି । ଚିକିତ୍ସା କ୍ଷେତ୍ରରେ ଏତେ ଅଗ୍ରଗତି କରି ମଧ୍ୟ ଆମେ ବୃଦ୍ଧାବସ୍ଥାରୁ ଓ ମୃତ୍ୟୁମୁଖରୁ ନିଜକୁ ରଖି ପାରୁ ନାହୁଁ । ବିଶ୍ୱରୁ ଯୁଦ୍ଧ ଓ ଆତଙ୍କବାଦକୁ ବନ୍ଦ କରି ପାରୁ ନାହୁଁ ଏବଂ ଭୟାନକ ରୋଗଗୁଡ଼ିକର ବିସ୍ତାରକୁ ମଧ୍ୟ ରୋକିପାରୁ ନାହିଁ । ନୂଆ-ନୂଆ ରୋଗମାନ ଆସି ଆମ ସମ୍ମୁଖରେ ଦଣ୍ଡାୟମାନ । ବିଜ୍ଞାନ ଓ ଶିଳ୍ପବିଜ୍ଞାନର ଅଗ୍ରଗତି ମଧ୍ୟ ଆମ ପାଇଁ ସୁଖ ଆଣି ପାରୁ ନାହାଁନ୍ତି । ଅନ୍ୟ ପକ୍ଷରେ ଆମେ ଅଧିକ ଭୟଭୀତ, ଜଡ଼ବାଦୀ ଓ ଲୋଭୀ ହୋଇଯାଇଛୁ ।

ଆଧୁନିକ ବିଜ୍ଞାନ କାହିଁକି ଆମକୁ ପ୍ରତ୍ୟେକ କ୍ଷେତ୍ରରେ ଅସଫଳ କରୁଛି ? ତାହାର କାରଣ ହେଉଛି, ବସ୍ତୁତଃ ଆଧୁନିକ ବିଜ୍ଞାନ ଏତେ ଉନ୍ନତ ନୁହେଁ । ଯେଉଁ ଆତ୍ମାର ଚିନ୍ମୟ ସ୍ୱରୂପ ଅଛି, ବୈଜ୍ଞାନିକମାନେ ତାହାର ସ୍ଥିତିକୁ ଜାଣିପାରୁ ନାହାଁନ୍ତି । ଏପରିକି ସେମାନେ ମନକୁ ମଧ୍ୟ ବୁଝିପାରୁ ନାହାଁନ୍ତି । ଶିଳ୍ପ-ବିଜ୍ଞାନ କ୍ଷେତ୍ରରେ ଉନ୍ନତି କରିଥିବାରୁ ଆମେ ଭାବୁଛୁ ବହୁତ ଉନ୍ନତି କରିଛୁ, କିନ୍ତୁ ଯାହା କିଛି କରିଛୁ ତାହା କେବଳ ଆମ ଶରୀରର ଆବଶ୍ୟକତା ବଢ଼ାଇଛି, ମାତ୍ର ଆତ୍ମାର ଆବଶ୍ୟକତା ପ୍ରତି ଅବହେଳା ହୋଇଛି । ପରମ ପୁରୁଷ ଭଗବାନଙ୍କୁ ଭଲ ପାଇବାର ଆବଶ୍ୟକତା ଆମେ ଅନୁଭବ କରୁନାହୁଁ, ସେଥିପାଇଁ ପରସ୍ପର ପ୍ରତି ସ୍ନେହ-ପ୍ରୀତିର ଅଭାବ ପରିଲକ୍ଷିତ ହେଉଛି ।

ଆମେ ପରିବାରର ସଦସ୍ୟ ଓ ବନ୍ଧୁ ବାନ୍ଧବମାନଙ୍କ ଅପେକ୍ଷା କୁକୁର-ବିରାଡ଼ି ଆଦି ପଶୁଙ୍କ ଉପରେ ଅଧିକ ବିଶ୍ୱାସ ସ୍ଥାପନ କରୁ ।

ପତି ଓ ପତ୍ନୀ ଆଉ ଏକତ୍ର ରହୁନାହାଁନ୍ତି, ବିବାହବିଚ୍ଛେଦ ସମାଜରେ ସାଧାରଣ ହୋଇଯାଇଛି । ମାତା-ପିତା ସନ୍ତାନମାନଙ୍କୁ ତ୍ୟାଗ କରୁଛନ୍ତି ଏବଂ ସନ୍ତାନମାନେ ମଧ୍ୟ ସେମାନଙ୍କୁ ତ୍ୟାଗ କରୁଛନ୍ତି । ପ୍ରାୟ ସମସ୍ତେ ନିଜ-ନିଜ ଶରୀର, ମନ ଓ ଇନ୍ଦ୍ରିୟକୁ ତୃପ୍ତ କରିବା ପାଇଁ ବ୍ୟସ୍ତ ହେଉଛନ୍ତି ।

ଯେଉଁମାନେ ପ୍ରକୃତରେ ସୀମାହୀନ ଜନ୍ମ-ମୃତ୍ୟୁ-ଜରା-ବ୍ୟାଧି ରୂପକ ସଂସାରବନ୍ଧନରୁ ମୁକ୍ତ ହେବାକୁ ଚାହାଁନ୍ତି, ସେମାନେ ପ୍ରାଚୀନ ବୈଦିକ ସାହିତ୍ୟରୁ ତାହାର ଉପାୟ ପାଇପାରିବେ । ଆଧୁନିକ ବିଜ୍ଞାନୀମାନେ ବିଜ୍ଞାନରୁ ତାହା ପାଇପାରିବେ ନାହିଁ । ବୈଜ୍ଞାନିକ-ଜ୍ଞାନ ପରିମାର୍ଜିତ ହେଲେ ଅଥବା ସୁବିଜ୍ଞ ସ୍ତରକୁ ଉନ୍ନୀତ ହେଲେ ଲୋକେ ବୃଦ୍ଧାବସ୍ଥାକୁ ଓ ମୃତ୍ୟୁକୁ ରୋକି ପାରିବେ । କିନ୍ତୁ ସେହି ସ୍ତରକୁ ଯିବାକୁ ହେଲେ, ଆଧୁନିକ ବିଜ୍ଞାନକୁ ବୈଦିକ ଗ୍ରନ୍ଥମାନଙ୍କରୁ ଶିଖିବାକୁ ପଡ଼ିବ ।

## ଏକ ଉତ୍କୃଷ୍ଟ ପ୍ରଶ୍ନ

ପ୍ରାଚୀନ ଇତିହାସ ବେଦ କହନ୍ତି, ପୂର୍ବେ ଯାଜ୍ଞବଲ୍କ୍ୟ ନାମକ ଜଣେ ଆତ୍ମତତ୍ତ୍ୱଜ୍ଞ ଋଷି ଏଇ ଭାରତ ଭୂମିରେ ନିବାସ କରୁଥିଲେ । ସେ ଅତି ଯଶସ୍ୱୀ ରାଜା ଜନକଙ୍କ ଦରବାରରେ ରାଜପୁରୋହିତ ଥିଲେ । ସେ ଥିଲେ ବେଦ-ଶାସ୍ତ୍ରରେ ଖୁବ୍ ପାରଙ୍ଗତ, ଏବଂ ଶରୀରରେ ଆତ୍ମା ଓ ପରମାତ୍ମାର ଅବସ୍ଥିତି ବିଷୟରେ ଅବଗତ ।

ଯାଜ୍ଞବଲ୍କ୍ୟଙ୍କର ମୈତ୍ରେୟୀ ଓ କାତ୍ୟାୟନୀ ନାମରେ ଦୁଇ ଜଣ ପତ୍ନୀ ଥିଲେ । ବୃଦ୍ଧାବସ୍ଥା ଆସିବାରୁ ଥରେ ସେ ନିଜ ଦୁଇ ପତ୍ନୀଙ୍କୁ ପାଖକୁ ଡାକି କହିଲେ,— "ହେ ! ମୋର ଆଦରଣୀୟା ପତ୍ନୀଦ୍ୱୟ !

ଆମେ ଆଦର୍ଶ ପରିବାର ରୂପେ ଅନେକ ବର୍ଷ ବିତାଇଛୁ । ମୋର ପ୍ରଚୁର ପରିମାଣର ସୁବର୍ଣ୍ଣ ଓ ଅନେକ ଗାଈ ଅଛନ୍ତି । ମୁଁ ତୁମ ଦୁହିଁଙ୍କୁ ଯଥେଷ୍ଟ ସନ୍ତାନ ମଧ୍ୟ ଦେଇଛି । ବର୍ତ୍ତମାନ ମୋର ସମସ୍ତ ସମ୍ପତ୍ତିକୁ ତୁମ ଦୁହିଁଙ୍କ ମଧ୍ୟରେ ଉପଯୁକ୍ତ ଭାବରେ ବାଣ୍ଟିଦେବାକୁ ଚାହୁଁଛି, ଯାହାଫଳରେ ତୁମେ ଜୀବନର ଅବଶିଷ୍ଟ ସମୟକୁ ସୁଖରେ ବିତାଇ ପାରିବ । ସମ୍ପତ୍ତିର ବଣ୍ଟନ ପରେ, ମୁଁ ବଣକୁ ଯାଇ ଭଗବାନଙ୍କ ଭଜନରେ ମନ ଲଗାଇବାକୁ ଚାହେଁ । ତୁମେ ଦୁହେଁ ସେଥିପାଇଁ ମୋତେ ଅନୁମତି ଦିଅ ।

ତାହା ଶୁଣି କାତ୍ୟାୟନୀ ବହୁତ ଖୁସୀ ହୋଇ କହିଲେ, "ଭଗବାନଙ୍କ  ଚରଣକମଳ ଧ୍ୟାନ କରିବା ତୁମର ଯେଉଁ ଚରମ-ଲକ୍ଷ୍ୟ, ତାହା ଅତୀବ ସୁନ୍ଦର ଓ ଆଦରଣୀୟ । ଆପଣ ମୋର ସ୍ୱାମୀ, ସେଥିପାଇଁ ମୁଁ ଏଇ କାର୍ଯ୍ୟରେ ଆପଣଙ୍କୁ ସମ୍ମତି ଦେଉଛି ।"

କିନ୍ତୁ ମୈତ୍ରେୟୀ କହିଲେ,—'ମୋର ଏକ ପ୍ରଶ୍ନ ଅଛି, ତାହାର ଉତ୍ତର ଦେଇସାରି ଆନନ୍ଦରେ ଆପଣ ନିଜ ଲକ୍ଷ୍ୟସ୍ଥଳକୁ ଯାଇ ପାରନ୍ତି ।' ବର୍ତ୍ତମାନ ଆପଣ ବଣକୁ ଯାଇ ଭଗବାନ୍‌ଙ୍କୁ ଧ୍ୟାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ; କାରଣ ଆପଣ ନିଜ ଜୀବନକାଳ ଭିତରେ ଉପାର୍ଜିତ ସକଳ ସମ୍ପତ୍ତି, ପତ୍ନୀ, ସନ୍ତାନ ଓ ବନ୍ଧୁ-ବାନ୍ଧବଙ୍କ ଦ୍ୱାରା ଆନନ୍ଦ ପାଇ ପାରି ନାହାଁନ୍ତି । ଆପଣ କ'ଣ ଭାବୁଛନ୍ତି ଯେ, ସେଇ ସମ୍ପତ୍ତି ଆଦି ଆମକୁ ସୁଖୀ କରିପାରିବ ?

ଯାଜ୍ଞବଲ୍କ୍ୟ ଉତ୍ତର ଦେଲେ,—"ତୁମେ ମୋର ପ୍ରକୃତ ସହଧର୍ମିଣୀ । ତୁମ ପ୍ରଶ୍ନରେ ମୁଁ ଆନନ୍ଦିତ । ଏହି ପ୍ରଶ୍ନର ଉତ୍ତର ହିଁ ଚାରି

ବେଦର ଆଲୋଚ୍ୟ ବିଷୟ । ସୁବର୍ଣ୍ଣ, ଧନସମ୍ପତ୍ତି ଆଦି ପ୍ରକୃତରେ କାହାକୁ ସୁଖ ଦେଇ ନ ପାରେ । ପ୍ରତିଷ୍ଠା, ବିଦ୍ୟା, ଯଶ, ବନ୍ଧୁତ୍ୱ ଓ ପରିବାର କଦାପି କାହାକୁ ସୁଖୀ କରି ନ ପାରେ । ଯେଉଁ ସୁଖ ପାଇଁ ଆମେ ଚିର କାଳରୁ ଉତ୍କଣ୍ଠିତ, ଏଇ ଜଗତର କୌଣସି ଧନ ଏବଂ ତାଦ୍ୱାରା କିଣାଯାଇଥିବା ଯେକୌଣସି ବସ୍ତୁ ଆମକୁ ତାହା ଦେଇ ପାରିବ ନାହିଁ । ଆମେ ପରମ-ପୁରୁଷ ଭଗବାନ୍ଙ୍କର ଚିନ୍ମୟ ଅଣୁ ଅଂଶ ଏବଂ ସେ ସମସ୍ତ ଦିବ୍ୟ ଆନନ୍ଦର ମୂଳ ଉତ୍ସ । ସେଥିପାଇଁ ଆମେ କେବଳ ତାଙ୍କ ଠାରେ ହିଁ ସବୁପ୍ରକାର ସୁଖ ପାଇପାରିବା । ତାଙ୍କ ସେବା କରିବା ହିଁ ପ୍ରକୃତ ସୁଖ ବା ଆନନ୍ଦ । ପକ୍ଷାନ୍ତରେ ଏଇ ଜଗତରେ ଆମେ ଯେଉଁ ସବୁ ସୁଖ ଉପଭୋଗ କରୁଛୁ, ତାହା ଅତ୍ୟନ୍ତ କ୍ଷୁଦ୍ର ଏବଂ ବିନାଶଶୀଳ (କ୍ଷୟଶୀଳ) । ଭଗବାନ୍ କୃଷ୍ଣ ଚିନ୍ମୟ ଓ ଆସ୍ୱାଦନୀୟ ସମ୍ବନ୍ଧର ଏକ ବିଶାଳ ସମୁଦ୍ର ଓ ପରମାନନ୍ଦର ମୂର୍ତ୍ତିମନ୍ତ ସ୍ୱରୂପ । କେବଳ ସେ ହିଁ ଆମକୁ ସବୁ ବିଷୟରେ ତୃପ୍ତ କରିପାରିବେ । ତେଣୁ ମୁଁ ତାଙ୍କୁ ପାଇବା ପାଇଁ ଏବେ ବଣ (ବୃନ୍ଦାବନ)କୁ ଯିବାକୁ ଚାହୁଁଛି ।

## ସୁଖ ପ୍ରାପ୍ତିର ଉପାୟ

ଯଦି ଆମେ ବାସ୍ତବ ସୁଖ ଚାହୁଁ, ତେବେ ଭଗବାନଙ୍କ ସେବା ଅନିବାର୍ଯ୍ୟ । ବେଦରେ ଏହି ସେବାକୁ ଭକ୍ତିଯୋଗ କୁହାଯାଇଛି ଅର୍ଥାତ୍ ସେବା ମାଧ୍ୟମରେ ଭଗବାନଙ୍କ ସହିତ ଯୋଗଯୁକ୍ତ ହେବା । ତାଙ୍କୁ ସୁଖୀ କରିବା ପାଇଁ ଚେଷ୍ଟା ଦ୍ୱାରା ସ୍ୱତଃ ଜଣେ ସୁଖୀ ହୋଇଯାଏ । ଯେବେ ଜଣେ ଭଗବାନଙ୍କ ସହିତ ଭକ୍ତିସମ୍ବନ୍ଧରେ ବନ୍ଧା ହୁଏ, ତେବେ ସେ ମନୁଷ୍ୟ, ପଶୁ କିମ୍ବା ଅନ୍ୟ କୌଣସି ପ୍ରାଣୀକୁ କଷ୍ଟ ଦିଏ ନାହିଁ, ସମସ୍ତଙ୍କ ସହିତ ମିଳିମିଶି ଶାନ୍ତିପୂର୍ଣ୍ଣ ଜୀବନ ଅତିବାହିତ କରେ ।

ଭଗବାନଙ୍କୁ ଭକ୍ତି କରିବାର ତିନିଟି କ୍ରମିକ ସ୍ତର ଅଛି । ଯଥା— (୧) ସାଧନଭକ୍ତି, (୨) ଭାବଭକ୍ତି ଓ (୩) ପ୍ରେମଭକ୍ତି (ଭକ୍ତିର ସମ୍ପୂର୍ଣ୍ଣ ବିକଶିତ ସ୍ତର) ।

ପ୍ରେମଭକ୍ତି ପାଇବାପାଇଁ ପ୍ରଥମେ ସାଧନଭକ୍ତିରୁ ଭଜନ କରିବାକୁ ପଡ଼ିବ । କଳହ ଓ କପଟତାପୂର୍ଣ୍ଣ ଏଇ କଳିଯୁଗରେ ଭଗବାନଙ୍କ ଦିବ୍ୟ ନାମ କୀର୍ତ୍ତନ କରିବା ହିଁ ଭକ୍ତିର ସର୍ବଶ୍ରେଷ୍ଠ ଭୂମିକା ଏବଂ ବାସ୍ତବ-ସୁଖ ପ୍ରାପ୍ତିର ଏକମାତ୍ର ଉପାୟ । ଭଗବାନଙ୍କ ନାମ ତାଙ୍କ ଠାରୁ ଅଭିନ୍ନ ଏବଂ ସେହି ନାମରେ ତାଙ୍କର ସମସ୍ତ ଶକ୍ତି, ମାଧୁର୍ଯ୍ୟ, ରୂପ, ଗୁଣ ଓ ଲୀଳା ରହିଛି । ପ୍ରେମଭକ୍ତି ସ୍ତରରେ ତାହା ପୂର୍ଣ୍ଣ ରୂପେ ବୁଝି ହୁଏ । ଭଗବାନଙ୍କ ଦିବ୍ୟ ନାମର କୀର୍ତ୍ତନ ହୃଦୟରୁ ସବୁପ୍ରକାର ବାସନାକୁ ଦୂର (ପରିଷ୍କାର) କରିଦିଏ ଏବଂ ଭଗବାନଙ୍କ ସାନ୍ନିଧ୍ୟ କରାଇ ପୂର୍ଣ୍ଣ ଶାନ୍ତି ଦେଇଥାଏ ।

କଳିସନ୍ତରଣ ଉପନିଷଦରେ କୁହାଯାଇଛି ଯେ, ଏହି ଭୟଙ୍କର କଳହ ଓ କପଟଯୁକ୍ତ କଳିଯୁଗର ହାତରୁ ତ୍ରାଣ ପାଇବାର କେବଳ ଉପାୟ ହେଉଛି ଭଗବାନଙ୍କ ଦିବ୍ୟ ନାମକୀର୍ତ୍ତନ । କଳିଯୁଗରେ ଏହା ଛଡ଼ା ଅନ୍ୟ ଗତି ନାହିଁ, ଅନ୍ୟ ଗତି ନାହିଁ, ଅନ୍ୟ ଗତି ନାହିଁ। ଭଗବାନଙ୍କ ନାମକୁ ନିମ୍ନଲିଖିତ ଭାବରେ କୀର୍ତ୍ତନ କରାଯାଏ—

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।**

**ହରେ ରାମ ହରେ ରାମ ରାମ ରାମ ହରେ ହରେ ।।**

## ଦିବ୍ୟ ପ୍ରେମର ମନ୍ତ୍ର

ବର୍ତ୍ତମାନ ଜଳ, ବାୟୁ ଆଦି ସବୁ କିଛି ଦୂଷିତ ହୋଇଛି । ସମୁଦ୍ରର ଜଳ ବିଭିନ୍ନପ୍ରକାର ଆଣବିକ ଅସ୍ତ୍ର ଦ୍ୱାରା ବିଷାକ୍ତ ହେଉଛି ଏବଂ ତାହା ସଂଗେ-ସଂଗେ ତହିଁରେ ଥିବା ମାଛ ଆଦି ଜଳଚର ଜୀବ ଏବଂ ସେମାନଙ୍କୁ ଖାଉଥିବା ମାଂସାଶୀ ବ୍ୟକ୍ତିମାନେ ମଧ୍ୟ ବିଷାକ୍ତ ହେଉଛନ୍ତି । ଭୌତିକ ଶବ୍ଦ ମଧ ପରିବେଶକୁ ଦୂଷିତ ଓ ବିଷାକ୍ତ କରୁଛି । ଲୋକେ କୀଟାଣୁମାନଙ୍କୁ ମାରିବା ପାଇଁ ଫସଲରେ ବିଷାକ୍ତ ଔଷଧ ପ୍ରୟୋଗ କରୁଛନ୍ତି । ସେଥିପାଇଁ ଫସଲ ଦୂଷିତ ହେଉଛି ଏବଂ ସେହି ଫସଲକୁ ଖାଉଥିବା ଲୋକେ ମଧ୍ୟ ସେହି ବିଷର ଶିକାର ହେଉଛନ୍ତି । ସେହିଭଳି ଶବ୍ଦ ତରଙ୍ଗ, ଖରାପ ଭାଷା, ଗାଳି, ସମାଲୋଚନା, ନିନ୍ଦା, କଳହ ଇତ୍ୟାଦି ମାଧ୍ୟମରେ ପ୍ରତ୍ୟେକ ଜୀବର ମନ, ଇନ୍ଦ୍ରିୟ ଓ ହୃଦୟ ଦୂଷିତ ହେଉଛି । ଆମେ କେବଳ "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ" ଏହି ମହାମନ୍ତ୍ର କୀର୍ତ୍ତନ ଦ୍ୱାରା ହିଁ ସେହି ବିଷର ପ୍ରତିକ୍ରିୟା ଓ ଯନ୍ତ୍ରଣାର ଉପଶମ (ନିରାକରଣ) କରିପାରିବା ।

ଏହି ପରିପ୍ରେକ୍ଷୀରେ ଜଳାଶୟର ଉଦାହରଣ ଦିଆଯାଇପାରେ । ପଥରଟିଏ ପାଣିରେ ପକାଇଲେ, ସେଥିରୁ ଉତ୍ପନ୍ନ ତରଙ୍ଗମାନ ଜଳାଶୟର ପ୍ରତ୍ୟେକ ପାର୍ଶ୍ୱକୁ ସ୍ପର୍ଶ କରେ । ସେହିପରି ବ୍ରହ୍ମାଣ୍ଡ ଗୋଟିଏ ଜଳାଶୟ ସଦୃଶ । "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ", ଏହି ମହାମନ୍ତ୍ରର ଉଚ୍ଚାରଣ ଦିବ୍ୟ ଓ ପବିତ୍ର ଧ୍ୱନିର ତରଙ୍ଗ ସୃଷ୍ଟି

କରିଥାଏ। ସେହି ପବିତ୍ର ତରଙ୍ଗ ବ୍ରହ୍ମାଣ୍ଡର ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ସର୍ବତ୍ର ବ୍ୟାପ୍ତ ହୋଇଯାଏ ଏବଂ ପ୍ରତ୍ୟେକ ବସ୍ତୁକୁ ଛୁଇଁ ସକଳ ବସ୍ତୁର ସବୁପ୍ରକାର ଅଶୁଦ୍ଧତାକୁ ପବିତ୍ର କରିଦିଏ।

ଭଗବାନ୍ ଶ୍ରୀକୃଷ୍ଣ ଅଚିନ୍ତ୍ୟଶକ୍ତିର ଅଧିକାରୀ। ସେ ଏକ ମୁହୂର୍ତ୍ତରେ ଅନେକ ବିଶ୍ୱ-ବ୍ରହ୍ମାଣ୍ଡ ସୃଷ୍ଟି କରିପାରନ୍ତି, ଏବଂ ଏକ ମୁହୂର୍ତ୍ତରେ ତାହାକୁ ଧ୍ୱଂସ କରିପାରନ୍ତି। ପରମୁହୂର୍ତ୍ତରେ ପୁଣି ତାହା ସୃଷ୍ଟି କରିପାରନ୍ତି। ସେ ନିଜର କୃପା, ଶକ୍ତି, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟକୁ ତାଙ୍କ ନାମରେ ରଖିଛନ୍ତି। ସେଗୁଡ଼ିକ ଶବ୍ଦ-ତରଙ୍ଗ ରୂପେ ଅତିଶୀଘ୍ର ବ୍ରହ୍ମାଣ୍ଡରେ ଭ୍ରମଣ କରନ୍ତି ଏବଂ ସବୁପ୍ରକାର ପ୍ରଦୂଷଣକୁ ଧୀରେ-ଧୀରେ ଦୂର କରନ୍ତି।

ବୃକ୍ଷ, ଲତା, ପଶୁ, ପକ୍ଷୀ ଓ କୀଟ-ପତଙ୍ଗମାନେ କିଛି କହିପାରନ୍ତି ନାହିଁ। ସେମାନେ ଆମର ଭାଷା ବୁଝିପାରନ୍ତି ନାହିଁ। ତଥାପି ପ୍ରତ୍ୟେକେ—କେବଳ ମନୁଷ୍ୟ ନୁହଁନ୍ତି, ବିଶ୍ୱର ସକଳ ପ୍ରାଣୀ ଅବଗତ ଥାଆନ୍ତୁ ବା ଅନବଗତ ; ସମସ୍ତେ ଶକ୍ତିଶାଳୀ ପବିତ୍ର ନାମର ସଂସ୍ପର୍ଶରେ ଆସିପାରିବେ। ଯଦି ଜଣେ ବ୍ୟକ୍ତି ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ଅଗ୍ନିକୁ ସ୍ପର୍ଶ କରେ ତେବେ ସେ ନିଶ୍ଚୟ ତାହାର ପ୍ରତିକ୍ରିୟା ଅନୁଭବ କରିବ। ଠିକ୍ ସେହିଭଳି ଭଗବାନଙ୍କ ପବିତ୍ର-ନାମ ସମସ୍ତ ପ୍ରାଣୀଙ୍କୁ ସଚେତନ ଓ ପବିତ୍ର କରିଦେବ। ଭଗବାନଙ୍କ ପବିତ୍ର ନାମ ଓ ଲୀଳାକଥା ଶ୍ରବଣ କଲେ ବୃକ୍ଷ, ଲତା, ଘାସ, କୀଟ-ପତଙ୍ଗ, ମନୁଷ୍ୟ ସମସ୍ତେ ସୌଭାଗ୍ୟବାନ୍ ହୋଇଯାଆନ୍ତି। ଏପରିକି ଜଙ୍ଗଲରେ ଥିବା ପ୍ରାଣୀମାନେ ମଧ୍ୟ ଧୀରେ-ଧୀରେ ସକଳ ଯନ୍ତ୍ରଣାରୁ ମୁକ୍ତ ହୋଇଯାଆନ୍ତି।

ଯଦି ଆମେ ଉଚ୍ଚସ୍ୱରରେ ସେଇ ମହାମନ୍ତ୍ରକୁ କୀର୍ତ୍ତନ କରୁ, ତେବେ ଆମ ଇନ୍ଦ୍ରିୟ ଗୁଡ଼ିକ ପବିତ୍ର ହୋଇଯିବ, ଏବଂ ଆଉ କୌଣସିପ୍ରକାର ପରଚର୍ଚ୍ଚା, ଦୁଶ୍ଚିନ୍ତା ଓ ଅଶାନ୍ତି ରହିବ ନାହିଁ । ଭୌତିକ ଚେଷ୍ଟାଦ୍ୱାରା ଆମେ ସେହି ଅଶାନ୍ତିରୁ ଓ ମନରେ ଉଦୀୟମାନ ବ୍ୟର୍ଥ ଅମଙ୍ଗଳଚିନ୍ତାରୁ ମୁକ୍ତ ହୋଇପାରିବା ନାହିଁ । କିନ୍ତୁ ଭଗବାନଙ୍କ ଦିବ୍ୟନାମର ଉଚ୍ଚାରଣ ଦ୍ୱାରା ଅତି ସହଜରେ ସେଗୁଡ଼ିକୁ ଜିଣି ହେବ । ନାମକୀର୍ତ୍ତନ ଦ୍ୱାରା କ୍ରମାନ୍ୱୟରେ ଆମ ହୃଦୟ ଦର୍ପଣ ସବୁପ୍ରକାର ଆବର୍ଜନାରୁ ମୁକ୍ତ ହୋଇଯିବ ଏବଂ ଆମେ ବୁଝିପାରିବୁ ଯେ, ଭଗବାନ୍ କୃଷ୍ଣ ଯିଏ ଆତ୍ମାର ଆତ୍ମା, ସେ ହିଁ ଆମର ଏକମାତ୍ର ଗତି । ସେଥିପାଇଁ ଆମେ ଯଦି ତାଙ୍କୁ ସେବା (ନାମକୀର୍ତ୍ତନ) କରୁ, ତେବେ ଆମ ସହିତ ସମଗ୍ର ବିଶ୍ୱ ଶାନ୍ତି ପାଇ ପାରିବ ।

"ଭଗବାନ୍ ହିଁ ପ୍ରେମ ଏବଂ ପ୍ରେମ ହିଁ ଭଗବାନ୍"

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।**
**ହରେ ରାମ ହରେ ରାମ ରାମ ରାମ ହରେ ହରେ ।।**

ହରେକୃଷ୍ଣ ମହାମନ୍ତ୍ର ଜପ କରନ୍ତୁ ଏବଂ ସୁଖୀ ହୁଅନ୍ତୁ ।

**ଜୟ ଜଗନ୍ନାଥ**